ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୯ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 October 2025
Vol.No. 36 ■ No.284 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ...

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ସିଭିୟର ସାଇକ୍ଲୋନ୍ 'ମୋନ୍ଥା'ର ଲ୍ୟାଣ୍ଡଫଲ୍: ପବନ ଓ ଭୟଙ୍କର ବର୍ଷା ତାଣ୍ଡବରେ ଥରିଲା କାକିନାଡ଼ା



ନୂଆଦିଲ୍ଲୀ,୨୮/୧୦ : ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବାତ୍ୟା ମୋନ୍ଥାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଲ୍ୟାଣ୍ଡଫଲ ପ୍ରକ୍ରିୟା ଆରମ୍ଭ ହେଉ ହେଉ କାକିନାଡ଼ରେ ଭୀଷଣ ବାତ୍ୟା ନିଜ କରାଳ ରୂପେ ଦେଖାଇଛି । ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ରରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଛି। କାହରିକୁ ବାହାରକୁ ବାହିରବା ଅନୁମତି ନାହିଁ । କୌଣସି ଗାଡ଼ି ଚାଲି ପାରିବ ନାହିଁ। ବିଭିନ୍ନ ସ୍ଥାନରେ ଚେକିଂ ବ୍ଲକିଂ କରାଯାଉଛି । ଏକ ହଜାର ପୁଲିସ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଆନ୍ଧ୍ରରେ ପ୍ରଭାବିତ ହେବାକୁ ଥିବା ସବୁ ଜିଲ୍ଲାର ଜିଲ୍ଲାପାଳ ଆଲର୍ଟ ମୋଡ୍‌ରେ ରହିଛନ୍ତି । ତେବେ ଛୋଟ ବାତ୍ୟା ହୋଇଥିବାରୁ ଏହି ବାତ୍ୟାର ଆଖି ନାହିଁ । ଏହାସତ୍ତ୍ୱେ କାକିନାଡ଼ାରେ ଘାଣ୍ଟୁଛି ଏହି ବାତ୍ୟା । ପ୍ରବଳ ବର୍ଷା ହେଉଥିବା ବେଳେ ସୁ ସୁ ଗର୍ଜନ ଛାଡୁଛି ସମୁଦ୍ର । ଜିରୋ କାଜୁଆଲିଟି ଉପରେ ଗୁରତ୍ୱ ଦେଇଛନ୍ତି ସରକାର । ସେପଟେ ଲ୍ୟାଣ୍ଡଫଲ ପକ୍ରିୟା ଆରମ୍ଭ ହେବାପରେ କୋରାପୁଟରେ ପ୍ରଭାବ ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ପଟାଙ୍ଗିରେ ବାତ୍ୟା ମୋନ୍ଥାର ପ୍ରଭାବରେ ଅନେକ ଘର ଭାଙ୍ଗିଛି । ପେଟୁରୁ, ରାଲେଗଡ଼ା ଓ ଚନ୍ଦକା ପଞ୍ଚାୟତ ବହୁ ଘର ଭାଙ୍ଗିଛି । ଖବର ଲେଖାଯିବା ସୁଦ୍ଧା ୩ଟି ପଞ୍ଚାୟତରେ ମୋଟ ୧୪ଟି ଘର ଭାଙ୍ଗିଥିବା ସୂଚନା ମିଳିଛି । ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି ମୋଟ ୬୨ଟି ଟ୍ରେନ୍ ବାତିଲ କରି ଦିଆଯାଇଛି । ଏବେ ପବନର ବେଗ ଧୀରଧୀରେ ବୃଦ୍ଧି ପାଇବାରେ ଲାଗିଛି । ଏବେ ପବନର ବେଗ ୯୦ରୁ ୧୦୦ କିମି ରହିଛି । ବାତ୍ୟା ଓଡ଼ିଶା କିମ୍ବା ଆନ୍ଧ୍ର ପାଇଁ ନୂଆ ନୁହେଁ, ଲୋକେ ପ୍ରାଶାସନିକ ନିର୍ଦ୍ଦେଶକୁ ମାନୁଥିବେ ବୋଲି ଆଶା କରାଯାଉଛି । ବାତ୍ୟା ମୋନ୍ଥାର ଲ୍ୟାଣ୍ଡଫଲ୍ କରିବା ପରେ କାକିନାଡ଼ାରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ଆରମ୍ଭ କରିଛି । ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହେବାପରେ ସୁ ସୁ ଗର୍ଜନ ଛାଡୁଛି ସମୁଦ୍ର । ସ୍ଥାନୀୟ ଲୋକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ବାତ୍ୟାକୁ ଦୃଷ୍ଟିରେ ରଖି କାକିନାଡ଼ାରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏବେ ସମୁଦ୍ର ସମ୍ପୂର୍ଣ୍ଣ ଅଶାନ୍ତ ହୋଇ ପଡ଼ିଛି। ଉଠୁଛି ଉଚ୍ଚ ଉଚ୍ଚ ଜୁଆର। ପ୍ରତିବର୍ଷ ବାତ୍ୟା ଦେଖୁଥିଲେ ସୁଦ୍ଧା କୋକୁଆ ଭୟରେ ରହିଛନ୍ତି ବାତ୍ୟା। କାକିନାଡ଼ାକୁ ପୂରା ଖାଲି କରି ଦେଇଛି ପ୍ରଶାସନ। ୧୪ ଲକ୍ଷ ବାତ୍ୟା ଦ୍ୱାରା ପ୍ରଭାବିତ ହେବେ । ଦେଢ଼ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏଥିରେ ସବୁ ବର୍ଗର ଲୋକ ସାମିଲ ରହିଛନ୍ତି । ବାତ୍ୟା ମୋନ୍ଥାର ପ୍ରକୋପ ଏତେ ଭୟଙ୍କର ଯେ, ତୁହା କୁ ତୁହା ବର୍ଷା ହେଉଛି । ଗଜପତି ପ୍ରଶାସନ ଦିନ ରାତି ଏକ କରି ପ୍ରତିଟି ବ୍ଲକର ଆଶ୍ରୟସ୍ଥଳୀ ବୁଲି ବୁଲି ସମସ୍ତ ପ୍ରକାର ସହଯୋଗ କରି ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରୁଛନ୍ତି । ଏହାରି ମଧ୍ୟରେ ଆର.ଉଦୟଗିରି ବ୍ଲକର ଅନଘା ପଞ୍ଚାୟତର ରାସ୍ତା କଡ଼ ପାହାଡ଼ରୁ ବିରାଟକାୟ ପଥର ଖସି ରାସ୍ତା ଅବରୋଧ ହୋଇଛି । ବଡ଼ ଗାଁ ରାସ୍ତା ଅବରୋଧ ହେବାରୁ ଯାତାୟତ ଠପ୍ ହୋଇଯାଇଛି ।

# କେନ୍ଦ୍ର କର୍ମଚାରୀଙ୍କୁ ସରକାରଙ୍କ ଉପହାର: ଅଷ୍ଟମ ବେତନ ଆୟୋଗକୁ ମଞ୍ଜୁରୀ



ନୂଆଦିଲ୍ଲୀ,୨୮/୧୦ : କେନ୍ଦ୍ର ସରକାର ମଙ୍ଗଳବାର ଦିନ ଅଷ୍ଟମବେତନ କମିସନର ଟର୍ମସ ଅଫ୍ ରେଫରାନ୍ସକୁ ମଞ୍ଜୁରି ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ୫୦ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୯ ଲକ୍ଷ ପେନସନ୍ ଧାରୀ ଉପକୃତ ହେବାକୁ ଯାଉଛନ୍ତି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶନ୍ୱୀ ବୈଷ୍ଣବ ଏନେଇ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ମୁତାବକ ଅଷ୍ଟମବେତନ କମିସନ ୧୮ ମାସ ମଧ୍ୟରେ ସୁପାରିଶ ପ୍ରଦାନ କରିବେ। ସରକାର ଜାନୁଆରି ମାସରେ ଏନେଇ କମିସନ ସେଟଅପ୍ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ଏବେ ଟର୍ମସ ଅଫ ରେଫରାନ୍ସ ମିଳିବା ପରେ ତୁରନ୍ତ କମିସନ ତାର କାର୍ଯ୍ୟ ଆରମ୍ଭ କରିବ। ଏହି କମିସନ ସାଲାରୀ ଷ୍ଟ୍ରକଚର, ପେନସନ୍ ଓ ଅନ୍ୟାନ୍ୟ ଭତ୍ତା ନେଇ ସରକାରଙ୍କୁ ପରାମର୍ଶ ଦେବ । କ୍ୟାବିନେଟର ସୂଚନା ମୁତାବକ ଅଷ୍ଟମ ବେତନ କମିସନ ପାଇଁ ଏକ ଅସ୍ଥାୟୀ କମିଟି ହେବ । ଏଥିରେ ଜଣେ ଚେୟାର ପର୍ସନ, ଜଣେ ପାର୍ଟ ଟାଇମ୍ ମେମ୍ବର ଓ ଜଣେ ମେମ୍ବର ସେକ୍ରେଟାରୀ ସାମିଲ ହେବେ । ସରକାର କହିଛନ୍ତି କି, ଟର୍ମସ ଅଫ୍ ରେଫରାନ୍ସ ପ୍ରସ୍ତୁତ ବେଳେ ମନ୍ତ୍ରଣାଳୟ, ରାଜ୍ୟ ଓ କର୍ମଚାରୀଙ୍କ ପ୍ରତିନିଧୀଙ୍କ ପରାମର୍ଶ ନିଆଯିବ । କମିଶନ ତାର ଶେଷ ରିପୋର୍ଟ ୧୮ ମାସ ମଧ୍ୟରେ ପ୍ରଦାନ କରିବ । ଆବଶ୍ୟକ ପଡ଼ିଲେ ଅନ୍ତରୀଣ ରିପୋର୍ଟ ବି ଦେଇପାରିବ। ରିପୋର୍ଟରେ ଧ୍ୟାନ ରଖାଯିବ କି, ଏହା ଯେଭଳି ଦେଶର ଅର୍ଥବ୍ୟବସ୍ଥା ଉପରେ ଚାପ ନପକାଏ । କେବଳ ସେତିକି ନୁହେଁ ସରକାର ନ୍ୟୁଟ୍ରିଏଣ୍ଟ ବେସଡ୍ ସବସିଡକୁ ବି ମଞ୍ଜୁରୀ ପ୍ରଦାନ କରିଛନ୍ତି । ରବି ଋତୁ ଫସଲ ପାଇଁ ୩୭୯୫୨ କୋଟି ଟଙ୍କା ସବସିଡ୍ ମିଳିବ । ଏଥିରେ କୃଷକଙ୍କ ରୋଜଗାର ବୃଦ୍ଧି ହେବ । ଭାରତରେ ପ୍ରତି ୧୦ ବର୍ଷରେ ପେ କମିଶନ ଲାଗୁ ହେବାର ପରମ୍ପରା ରହିଛି । ସପ୍ତମ ବେତନ କମିଶନ ୨୦୧୪ ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା । ଜାନୁଆରୀ ୧୬ ରୁ ଏହା ଲାଗୁ ହୋଇଥିଲା । କର୍ମଚାରୀଙ୍କ ଦରମା ବଜାର ଦରବୃଦ୍ଧି ଫଳରେ ଯେଭଳି ପ୍ରଭାବିତ ନହୁଏ ତାକୁ ନଜରରେ ରଖି ସରକାର ପ୍ରତି ୬ ମାସରେ ଡିୟରନେସ୍ ଆଲାଉନ୍ସ ବା ଡି.ଏ ଲାଗୁ କରିଥାନ୍ତି ।

# ୩ରେ ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ: ବିଜେପିକୁ ମହଙ୍ଗା ହେବକି ଅନ୍ତଃକନ୍ଦଳ, ଡିଫେନ୍ସିଭ ମୋଡରେ କଂଗ୍ରେସ



ନୂଆପଡ଼ା, ୨୮/୧୦ (ନି.ପ୍ର): ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ପ୍ରଚାର ମଇଦାନ ସରଗରମ ହେବାରେ ଲାଗିଛି । ରାଜ୍ୟର ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜର ରଣନୀତି ସହ ବିଭିନ୍ନ ଉପାୟରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗି ପଡ଼ିଛନ୍ତି। ଆଉ ଏସବୁ ମଧ୍ୟରେ ବିଜେଡି ନିଜର 'ପୋଷ୍ଟରବଏ' ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛି । ନବୀନ ଆସନ୍ତା ୩ ଓ ୭ତାରିଖରେ ଦୁଇଥର ନୂଆପଡ଼ା ଗସ୍ତ କରି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଏପଟେ ଆଦିବାସୀ ପ୍ରାର୍ଥୀ ଦେଇ ନିର୍ବାଚନୀ ସଫଳତା ପାଇବାକୁ ଲକ୍ଷ୍ୟ ରଖିଥିବା କଂଗ୍ରେସ ଏବେ ଡିଫେନ୍ସିଭ ମୋଡରେ ନିଜର ପୁରୁଣା ଭୋଟକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେଉଥିବାବେଳେ ଶାସକ ବିଜେପିରେ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ବିଜେଡିକୁ ସୁହାଉଥିବା ଚର୍ଚ୍ଚା ହେଉଛି । ଏଭଳି ସ୍ଥିତିରେ ନବୀନଙ୍କ ସମ୍ଭାବ୍ୟ ଗସ୍ତ ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ 'ସୋନେପେ ସୁହାଗା'

▶▶ପୃଷ୍ଠା ୭

# ବିଜେଡି ସରକାରକୁ ଟାର୍ଗେଟ୍ କଲେ ମୁଖ୍ୟମନ୍ତ୍ରୀ: କହିଲେ ଭିଜିଲାନ୍ସକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛୁ



ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି ସରକାର । ଭିଜିଲାନ୍ସ ବିଭାଗକୁ ନିଜର କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ରାଜ୍ୟସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ନୁହେଁ ବରଂ ଦୁର୍ନୀତିରେ ଲିପ୍ତ ଅଫିସର ଓ ବ୍ୟବସ୍ଥା ପ୍ରତି ସରକାରଙ୍କ କଠୋର ମନୋଭାବକୁ ଦର୍ଶାଉଛି । ଆଜି ଏଭଳି ଢଙ୍ଗରେ ନିଜର ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକସେବା ଭବନର କନଭେନସନ୍ ସେଂଟର ଠାରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅବସରରେ ଅଫିସରମାନଙ୍କୁ ଶପଥ ପାଠ କରାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜର କ୍ଷୋଭ ବ୍ୟକ୍ତ କରି କହିଥିଲେ ଯେ, ଅନେକ ଯୁବ ଅଫିସରମାନେ ଦୁର୍ନୀତି ଅଭିଯୋଗରେ ସଂପୃକ୍ତି ହେଉଥିବା ନଜରକୁ ଆସୁଛି । ଯେଉଁମାନେ ସରକାରୀ ଅଫିସର ହୋଇ ଲୋକଙ୍କ ସେବା ଓ ସ୍ୱଚ୍ଛ ସେବା ଯୋଗାଇବେ ବୋଲି ସ୍ୱପ୍ନ ଦେଖୁଥିଲେ, ଏବେ କିନ୍ତୁ ତାହା ସେମାନଙ୍କ ପାଖରେ ପ୍ରତିଫଳିତ ହେଉନାହିଁ । ଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ ଭଲ ର୍ୟାଙ୍କ୍ ରଖି ଦିନେ ସେମାନେ ଖବରକାଗଜରେ ପ୍ରଶଂସିତ ହେଉଥିଲେ, ଏବେ ଦୁର୍ନୀତି କରି ଜେଲ୍ ଯିବା ଖବର ସେହି ଖବରକାଗଜରେ ଆସୁଛି ।

▶▶ପୃଷ୍ଠା ୭

# ଗଜପତି ଜିଲ୍ଲା ଅଧିକ ପ୍ରଭାବିତ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ବାତ୍ୟା ପ୍ରଭାବ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ଗଛ ପଡିବା ନେଇ ୨୨ଟି ଅନୁରୋଧ ମିଳିଛି। ଅଗ୍ନିଶମ ବିଭାଗ ଗଛ କାଟିକି ସଫା କରିଛି। ଗଜପତି ଜିଲ୍ଲା ବିଶେଷ ପ୍ରଭାବିତ ହୋଇଛି । ସେଠାରେ ଗଛ ପଡିବା ସହ ମାଟି ଅତଡା ଖସିଛି। ଗଞ୍ଜାମର କିଛି ଅଂଚଳରେ ବର୍ଷା ଲାଗି ରହିଛି ଓ ଗଛ ପଡିଛି। କାଶୀ ନଗର ଓ ଆର ଉଦୟ ଗିରିରେ ମାଟି ଅତଡା ଖସିଛି ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ବର୍ଷା ଯୋଗୁଁ ପୁରୀ ଅଂଚଳରେ ପାଣି ପଶିଛି । ଭୁବନେଶ୍ୱରର ୮ଟି ଜାଗାରେ ୱାଟର ପମ୍ପ ନିୟୋଜିତ ରହିଛି । ଅଗ୍ନିଶମ ବିଭାଗର ୧୩୦ଦଳ ବିଭିନ୍ନ ଯାଗାରେ ନିୟୋଜିତ ଅଛନ୍ତି ।

# ଦିଲ୍ଲୀରେ କ୍ଲାଉଡ ସିଡିଂଗର ଦ୍ୱିତୀୟ ଟ୍ରାୟଲ ସମ୍ପୂର୍ଣ୍ଣ: ବର୍ଷା ସମ୍ଭାବନା

ନୂଆଦିଲ୍ଲୀ,୨୮/୧୦ : ଦିଲ୍ଲୀ ସରକାର ମଙ୍ଗଳବାର ଦିନ ଦିଲ୍ଲୀରେ କ୍ଲାଉଡ ସିଡିଂଗ (କୃତ୍ରିମ ବର୍ଷା କରିବା ପ୍ରକ୍ରିୟା)ର ଦ୍ୱିତୀୟ ଟ୍ରାୟଲ ସମ୍ପୂର୍ଣ୍ଣ କରିଛି। ଦିଲ୍ଲୀର ପର୍ଯ୍ୟାବରଣ ମନ୍ତ୍ରୀ ଆଇଆଇଟି କାନପୁରର ଏହି ପହଲରେ ଆସନ୍ତା ଚାରି ଘଂଟାରେ ଦିଲ୍ଲୀର କିଛି ଅଂଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆଇଆଇଟି କାନପୁର ପକ୍ଷରୁ କରାଯାଇଥିବା ଟ୍ରାୟଲକୁ ସେସନା ଏୟାରକ୍ରାପ୍ଟ ଜରିଆରେ ଶେଷ କରାଯାଇଛି। ବିମାନ ମେରଠ ପକ୍ଷରୁ ଦିଲ୍ଲୀରେ ଦାଖିଲ ହୋଇଛି। ଏଥିରେ ଖେକଡ଼ା, ବୁରାଡ଼ି, ନର୍ଥ କୋରଲ ବାଗ, ମୟୁର ବିହାର ଆସିଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଅନୁଯାୟୀ ପବନ ଉତର ଆଡ଼କୁ ଏବଂ ବାଦଲ ଦିଲ୍ଲୀରେ କୁଆଡ଼େ ମଧ ଯାଇପାରେ। ଦିଲ୍ଲୀର ପର୍ଯ୍ୟାବରଣ ମନ୍ତ୍ରୀ ମଜିନ୍ଦର ସିଂହ ସିରସା ଏକ ଭିଡିଓ ସନ୍ଦେଶରେ ଟ୍ରାଏଲର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିମାନ କାନପୁରରୁ ଉଡ଼ିଥିଲା। ମେରଠ ପକ୍ଷରୁ ଦିଲ୍ଲୀରେ ଦାଖିଲ ହୋଇଥିଲା। କ୍ଲାଉଡ ସିଡିଂଗରେ ୮ ଫ୍ଲେୟର୍ସର ବ୍ୟବହାର କରାଯାଇଛି। ସମସ୍ତ ଫ୍ଲେୟରର ଓଜନ ୨-୨.୫ କିଲୋଗ୍ରାମ ଅଟେ। ଏହି ଫ୍ଲେୟର୍ସ ବାଦଲରେ ସାମଗ୍ରୀ ଛାଡ଼ିଛି। ବାଦଲରେ ୧୫-୨୦ ପ୍ରତିଶତ ଜଳବାୟୁ ଥିଲା। ଏହି ପ୍ରକ୍ରିୟା ଅଧଘଂଟା ପର୍ଯ୍ୟନ୍ତ ଚାଲିଥିଲା ଏବଂ ଏହି ସମୟରେ ଏକ ଫ୍ଲେୟର ୨-୨.୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଛି। ବିମାନ ଏବେ ମେରଠରେ ଅବତରଣ କରିଛି। ସେ କହିଛନ୍ତି ଯେ ଦ୍ୱିତୀୟ ଉଡ଼ାନ ଏବଂ ତୃତୀୟ ଟ୍ରାୟଲ ଆଜି କରାଯିବ।

# ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଏସଆଇ



କୋରାପୁଟ, ୨୮/୧୦ (ନି.ପ୍ର): କୋରାପୁଟ ଜିଲା ବି. ସିଂହପୁର ଥାନାର ପୋଲିସ ଏଏସଆଇ ନରସିଂହ ଦୋରା ଓ ତାଙ୍କର ସହଯୋଗୀ ସୁନାଧର ଅମାତ୍ୟ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଘରୋଇ ହିଂସା ମାମଲାରେ ଅଭିଯୋଗକାରୀଙ୍କୁ ସାହାଯ୍ୟ କରିବା ପାଇଁ ଏଏସଆଇ ଦୋରା (ଯିଏକି ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ) ୪୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ।

▶▶ପୃଷ୍ଠା ୭

# ନିର୍ବାଚନ ପୂର୍ବରୁ ପ୍ରଶାନ୍ତ କିଶୋର ଅଡୁଆରେ: ୨ଟି ଭୋଟର ପରିଚୟପତ୍ର ମାମଲାରେ ନିର୍ବାଚନ କମିଶନଙ୍କ ନୋଟିସ



ନୂଆଦିଲ୍ଲୀ,୨୮/୧୦ : ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ଅଡୁଆ ବଢ଼ିପାରେ। ନିର୍ବାଚନ କମିଶନ ଦୁଇଟି ଭୋଟର ପରିଚୟପତ୍ର ସମ୍ପର୍କରେ ତାଙ୍କୁ ନୋଟିସ ଜାରି କରିଛନ୍ତି ଏବଂ ତିନି ଦିନ ମଧ୍ୟରେ ଜବାବ ମାଗିଛନ୍ତି। ଦୁଇଟି ରାଜ୍ୟ ବିହାର ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ଜନସୁରାଜ ପାର୍ଟିର ପ୍ରଶାନ୍ତ କିଶୋରଙ୍କ ନାମ ପଞ୍ଜିକୃତ ହୋଇଥିବା ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି । ବିହାରର କରଘର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଏ ନେଇ ପ୍ରଶାନ୍ତଙ୍କୁ ଏକ ନୋଟିସ ଜାରି କରି ତିନି ଦିନ ମଧ୍ୟରେ ତାଙ୍କ ପକ୍ଷ ରଖିବାକୁ କହିଛନ୍ତି। ନିର୍ବାଚନ କମିଶନ ତାଙ୍କ ନୋଟିସରେ କହିଛନ୍ତି, '୨୮ ଅକ୍ଟୋବର,

▶▶ପୃଷ୍ଠା ୭

# ବିହାର ପାଇଁ ମହାଗଠବନ୍ଧନର ଘୋଷଣାପତ୍ର ଜାରି




ନୂଆଦିଲ୍ଲୀ,୨୮/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ପକ୍ଷରୁ ଘୋଷଣାପତ୍ର ପ୍ରକାଶିତ ହୋଇଛି। ଏହି ଉନ୍ମୋଚନ ଅବସରରେ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଓ ଉପମୁଖ୍ୟମନ୍ତ୍ରୀ ଚେହେରା ମୁକେଶ ସହନୀ ଉପସ୍ଥିତ ଥିଲେ । ଘୋଷଣାପତ୍ରର ଉନ୍ମୋଚନ କରି ତେଜସ୍ୱୀ ଯାଦବ କହିଛନ୍ତି, 'ଆଜି ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆମେ କେବଳ ସରକାର ଗଠନ କରିବାକୁ ଚାହୁଁନାହୁଁ, ଆମେ ବିହାରକୁ ଗଢ଼ି ତୋଳିବାକୁ ଚାହୁଁଛୁ। ଏହା ବହୁତ ଖୁସିର କଥା ଯେ ମହାଗଠବନ୍ଧନର ସମସ୍ତ ସଦସ୍ୟ ବିହାରର ସଂକଳ୍ପ ବିହାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଆମେ ଆମର ପ୍ରତିଜ୍ଞା ପୂରଣ କରିବୁ, ଯଦିଓ ଏଥିପାଇଁ ଆମ ଜୀବନ ବଳିଦାନ ଦେବାକୁ ପଡ଼ିଥାଏ।' ମେଣ୍ଟ ସରକାର ଗଠନ ହେବା ମାତ୍ରେ, ୨୦ ଦିନ ମଧ୍ୟରେ, ରାଜ୍ୟର ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ପାଇଁ ଏକ ଆଇନ ପାସ୍ କରାଯିବ। ଆମର ସରକାର, ଯୁବକମାନଙ୍କୁ ଚାକିରି ପ୍ରଦାନ କରିବାର ପ୍ରତିବଦ୍ଧତା ପୂରଣ କରି, ୨୦ ମାସ ମଧ୍ୟରେ ଚାକିରି ପ୍ରଦାନ କରିବୋର ପ୍ରକ୍ରିୟା ଆରମ୍ଭ କରିବ।

▶▶ପୃଷ୍ଠା ୭

# ସତର୍କତା ସଚେତନତା ସପ୍ତାହ ପାଳନ ଆରମ୍ଭ




ରାଉରକେଲା, ୨୮/୧୦ (ନି.ପ୍ର): "ସତର୍କତା ହେଉଛି ଏକ ସଂଗଠନର ଆତ୍ମା; ଏହା ଏକ ପ୍ରତିରକ୍ଷା ପ୍ରଣାଳୀ ଯାହା ସଂସ୍ଥାକୁ ଦୁର୍ନୀତି, ଅନୁଚିତ ଅଭ୍ୟାସ ଏବଂ ଅନୈତିକ ଆଚରଣ ଭଳି ସଂକ୍ରମଣରୁ ରକ୍ଷା କରେ। ଏହା ବିଶ୍ୱାସକୁ ବଜାୟ ରଖେ, ଯାହା ପ୍ରତ୍ୟେକ ସୁସ୍ଥ ଏବଂ ସମୃଦ୍ଧ ପ୍ରତିଷ୍ଠାନର ମୂଳଦୁଆ," ବୋଲି ସେଲ୍, ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମ୍‌ରେ ଅକ୍ଟୋବର ୨୭ ତାରିଖରେ ଆୟୋଜିତ ସତର୍କତା ସଚେତନତା ସପ୍ତାହ-୨୦୨୫ର ଉଦଘାଟନୀ ଉତ୍ସବରେ ଯୋଗଦେଇ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଉଲ୍ଲେଖ କରିଛନ୍ତି । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି (ଓଜିଓଏମ୍-ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍ ପି ସିଂହଙ୍କ ସହିତ ସିଆଇଏସଏଫ ର ଡ଼ିଆଇଜି ଶ୍ରୀ ରତନ କୁମାର ଏବଂ ସତର୍କତା ବିଭାଗର ଜିଏମ ତଥା ଏସିଭିଓ ଶ୍ରୀ ରଞ୍ଜନ ଭାରତୀ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ ଇନ-ଚାର୍ଜ, ସିଜିଏମ, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ।

ଡ଼ିଆଇଜି ଏବଂ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଲ୍ଲେଖନୀୟ ଯେ, ପ୍ରତିବର୍ଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଏ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହର ବିଷୟବସ୍ତୁ 'ସଚେତନତା: ଆମର ସହଭାଗୀ ଦାୟିତ୍ୱ' ରହିଛି । ଶ୍ରୀ ବର୍ମା ନିଜର ପ୍ରାରମ୍ଭିକ ଦିନ ଏବଂ ସ୍କୁଲ ଅଭିଜ୍ଞତାକୁ ସ୍ମରଣ କରି, ଘରେ ଓ ସ୍କୁଲରେ ଶିଖାଯାଇଥିବା ସତ୍ୟବାଦୀ ଏବଂ ସଠିକ ଆଚରଣର ପାଠ କିପରି ଜଣେ ବ୍ୟକ୍ତିର ବୃତ୍ତିଗତ ଜୀବନକୁ ମାର୍ଗଦର୍ଶନ କରିଚାଲିଥାଏ ତାହା ଉପରେ ଗୁରୁତ୍ୱାରୋପ ଥିଲେ। ସେ ସାମୂହିକଙ୍କୁ ସେମାନଙ୍କ କାର୍ଯ୍ୟ ପ୍ରକ୍ରିୟା ଏବଂ ନିୟମାବଳୀ ଗୁଡିକ ସହିତ ଭଲ ଭାବରେ ପରିଚିତ ହେବା ଆବଶ୍ୟକ ବୋଲି କହିଥିଲେ। ଶ୍ରୀ ତରୁଣ ମିଶ୍ର ତାଙ୍କ ଅଭିଭାଷଣରେ ପ୍ରତିଷ୍ଠାନକୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ବିଶ୍ୱସ୍ତ କରିବା ପାଇଁ ନୀତିଗତ ପରିବର୍ତ୍ତନ ଏବଂ ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ କାରଖାନାର ଠିକା ଶ୍ରମିକଙ୍କ ସମେତ ପ୍ରତ୍ୟେକ କର୍ମଚାରୀଙ୍କୁ ସଶକ୍ତ ହେବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ, ଶ୍ରୀ ବିଶ୍ୱରଞ୍ଜନ ପଲାଇ ମିଳିତ ଦାୟିତ୍ୱର ପ୍ରକୃତ ଭାବନାକୁ ବଜାୟ ରଖିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଭୂମିକା ଉପରେ ଆଲୋକପାତ କରିବା ସହିତ ସଚ୍ଚୋଟତା ସ୍ୱଚ୍ଛତାକୁ ସହଜ କରିଥାଏ, ଯାହା ଶେଷରେ ସଂଗଠନ ମଧ୍ୟରେ ଉତ୍ତରଦାୟିତ୍ୱ ଆଣିଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଅନିଲ କୁମାର ପ୍ରଭାବଶାଳୀ ଏବଂ ଦାୟିତ୍ୱବୋଧ କାର୍ଯ୍ୟ ସଂସ୍କୃତିର ଅତ୍ୟାବଶ୍ୟକ ଦିଗ ଭାବରେ ତିନୋଟି ପ୍ରମୁଖ ଉପାଦାନ, ସଠିକତା, ଗତି ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ। ଶ୍ରୀ ଏମ. ପି. ସିଂହ ସଂଗଠନର ସମସ୍ତ ସ୍ତରରେ ଦ୍ରୁତ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣକୁ ସହଜ କରୁଥିବା ବ୍ୟବସ୍ଥାଗୁଡିକୁ ବିକଶିତ ଏବଂ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ରତନ କୁମାର ସ୍ୱଚ୍ଛତା, ସାମୂହିକ ଦାୟିତ୍ୱ ଏବଂ ସତର୍କତା ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବାରେ ଜନ ଭାଗୀଦାରୀଙ୍କ ଭୂମିକା ଉପରେ ସକ୍ରିୟ ଆଲୋଚନା କରିଥିଲେ।

ସତର୍କତା ବିଭାଗର ଡ଼ିଜିଏମ ଶ୍ରୀ ଏସ.କେ.ଏସ. ରାଜପୁତ, ଭାରତର ମହାମହିମ ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରିଥିଲାବେଳେ ଉକ୍ତ ବିଭାଗର ମ୍ୟାନେଜର ଶ୍ରୀ ମୁକେଶ ସିଂହ, ଭାରତର ମାନ୍ୟବର ଉପ-ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରିଥିଲେ। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଏଜିଏମ୍ ଶ୍ରୀ ଏ କେ ବିଶ୍ୱାଳ ପାଠ କରିଥିବାବେଳେ ସିନିୟର ମ୍ୟାନେଜର ଶ୍ରୀ ବିକ୍ରାନ୍ତ ପଟେଲ କେନ୍ଦ୍ରୀୟ ସତର୍କତା କମିଶନରଙ୍କ ବାର୍ତ୍ତାକୁ ପାଠ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଭିଜିଲାନ୍ସ ଇନ୍ସପେକ୍ଟର ଶ୍ରୀ ଜି କେ ଦାସ 'ଆପ କା ଜୈସା ଇମାନଦାର ବନ ନା ଚାହତା ହୁଁ' ନାମକ ଏକ ହିନ୍ଦୀ କବିତା ମଧ୍ୟ ପାଠ କରିଥିଲେ।

ପୂର୍ବରୁ ଡିଆଇଜି ସତର୍କତା ସଚେତନତା ସପ୍ତାହ-୨୦୨୫ର ଥିମ୍ ସଙ୍ଗୀତ ଉନ୍ମୋଚନ କରିଥିଲାବେଳେ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପଡକାଷ୍ଟ ସିରିଜ୍ 'ଦି ଭିଜିଲାଣ୍ଟ ମାଇଣ୍ଡ' ମଧ୍ୟ ଉନ୍ମୋଚନ କରିଥିଲେ। ଶ୍ରୀ ବର୍ମା ଏହି ଅବସରରେ ସାମୂହିକଙ୍କୁ ସତର୍କତା ଶପଥ ମଧ୍ୟ କରାଇ ଥିଲେ। ।

ପରେ, ଡିଆଇଜି ଏବଂ ସମ୍ମାନିତ ବ୍ୟକ୍ତିମାନେ ଆରଏସପିରେ ସତର୍କତା ସଚେତନତା ସପ୍ତାହ ପାଳନ ଆରମ୍ଭ ଉଦ୍ଦେଶ୍ୟରେ ବେଲୁନ ଉଡାଇ ଏହାର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ, ଶ୍ରୀ ଭାରତୀ ସମାବେଶକୁ ସ୍ୱାଗତ କରିବା ସହିତ ଦୁର୍ନୀତିମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସିସିଡବ୍ଲୁ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ କବିତା ବିଶୋୟୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲାବେଳେ ସତର୍କତା ବିଭାଗର ଡ଼ିଜିଏମ ଶ୍ରୀ ସନ୍ଦୀପ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬ ଥର ପୁରସ୍କୃତ ଧନୀ ପୌରପାଳିକାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦୁଝର, ୨୮/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବଡ଼ବିଲ ମ୍ୟୁନିସିପାଲିଟିକୁ ଜିଲ୍ଲାର ଏକ ଧନୀ ମୁନିସିପାଲିଟି କୁହାଯାଏ। ଏଠାରେ ଏକାଧିକ ଖଣି ଓ ଶିଳ୍ପ ସଂସ୍ଥା ରହିଥିବା ବେଳେ ସେମାନେ ମଧ୍ୟ ସାମାଜିକ ଦାୟିତ୍ୱବୋଧ ଯୋଜନା ମାଧ୍ୟମରେ ନିଜ ଅନୁଦାନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥାନ୍ତି। ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ଅନୁଦାନରେ ବଡ଼ବିଲ ପୌରାଂଚଳରେ ଅନେକ ବୃହତ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସତ୍ତ୍ୱେ ମଧ୍ୟ ବଡ଼ବିଲ ପୌରାଂଚଳରେ କିଛି ଦିନ ହେଲା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ବଡ଼ବିଲ ପୌରାଂଚଳ ଅନ୍ତର୍ଗତ ନ୍ୟୁ-ମାର୍କେଟ ରେଲୱେ କ୍ରୋସିଂ, ଷ୍ଟେସନ ରୋଡ଼, ହରିହର ମନ୍ଦିର ଠାରୁ ଶାନ୍ତବାହାଲ ରାସ୍ତା ଆଦି ଅଂଚଳରେ ବିଭିନ୍ନ ସମୟରେ ଅଳିଆ ଆବର୍ଜନା ପଡି ରହୁଥିବା ଦେଖିବାକୁ ମିଳୁଛି। ସେହିପରି ଆଉ କେତେକ ଅଂଚଳରେ ପଡି ରହିଥିବା ଆବର୍ଜନାକୁ ବିଳମ୍ବରେ ଉଠା ଯାଉଥିବା ବେଳେ ଏହା ସ୍ଥାନୀୟ ଅଂଚଳର ବାତାବରଣକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ମଶା ମାଛିଙ୍କ ପାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଡେଙ୍ଗୁ, ମ୍ୟାଲେରିଆ ଆଦି ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି।

ଏଠାରେ ପ୍ରକାଶ ଯେ, ଲକ୍ଷ୍ମଣ ମହାନ୍ତି ବଡ଼ବିଲ ପୌରାଧକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ବଡ଼ବିଲ ସହରର ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ନିଜେ ଉପସ୍ଥିତ ରହି ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ତେବେ ଜଣେ ପୌରାଧକ୍ଷ ଭାବେ ତାଙ୍କର ଆହୁରି ମଧ୍ୟ ଅନେକ ଦାୟିତ୍ୱ ରହିଥିବା ବେଳେ ସବୁବେଳେ ସଫେଇ କାର୍ଯ୍ୟର ତଦାରଖ କରିବା ସମ୍ଭବ ନୁହେଁ। ଆଜି ମଧ୍ୟ କୌଣସି ୱାର୍ଡରୁ ଅଭିଯୋଗ ଆସିଲେ ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତି ଓ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସେଠାକୁ ଯାଇ ସମସ୍ୟାର ସମାଧାନ କରୁଥିବା ଦେଖିବାକୁ ମିଳୁଛି। ତେବେ ବଡ଼ବିଲ ପୌରାଂଚଳର ପରିମଳ ଦାୟିତ୍ୱ ଏକ ଘରେଇ ଠିକା ସଂସ୍ଥାକୁ ଦିଆଯାଇଛି। ମାତ୍ର ବିଭାଗୀୟ ପୌର କର୍ମଚାରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ପରିମଳ ବ୍ୟବସ୍ଥା ସୁଧୁରି ପାରୁନଥିବା ଅଭିଯୋଗ ହେଉଛି।

# ନାବାଳିକା ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ଜରିମାନା

କନ୍ଧମାଳ, ୨୮/୧୦ (ନି.ପ୍ର): ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୫ ବର୍ଷୀୟ ନାବାଳିକାଙ୍କ ଦୁଷ୍କର୍ମ ମାମଲାର ବିଚାରଣା କରି ପୀଡିତାଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ମାମଲାର ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ରିତୀକ ଦିଗାଲ (୧୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ, ତାକୁ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ମାମଲାକୁ ପିଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶ୍ରୀ ବନମାଳୀ ବେହେରା ପରିଚାଳନା କରିଥିଲେ। ସୂଚନା ଅନୁଯାୟୀ, ପୀଡ଼ିତା ଏ.ଜେ.ଓ. ହାଇସ୍କୁଲ, ଫୁଲବାଣୀରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ତା' ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲା । ୨୧ ନଭେମ୍ବର ୨୦୨୪ରେ ଅଭିଯୁକ୍ତ ପୀଡ଼ିତାଙ୍କୁ ବାଇକରେ ନେଇ ନିଜ ମାମୁଁ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତା ଘରକୁ ନ ଫେରିବାରୁ ତାଙ୍କ ପିତା ଖୋଜାଖୋଜି କରି ଫୁଲବାଣୀ ଟାଉନ ଥାନାରେ ଅପହରଣ ମାମଲା ରୁଜୁ କରିଥିଲେ। ଅଭିଯୋଗ ପ୍ରକାରେ ଫୁଲବାଣୀ ଟାଉନ ଥାନା ପୁଲିସ ଏକ ମାମଲା ୨୫୯/୨୧.୧୧.୨୦୨୪ ରୁଜୁ କରିଥିଲେ। ମାମଲାର ତଦନ୍ତ କରୁଥିବା ଏସ୍.ଆଇ. ମନୋରଞ୍ଜନ ଭୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥି ସହ ବିଚାରପତି ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ଫୁଟବଲ୍ ନେଲା ଜୀବନ : ଖେଳୁଖେଳୁ ଟଳି ପଡିଲେ ଯୁବକ



ନୀଳଗିରି , ୨୮/୧୦ (ନି.ପ୍ର): କୁଳଡିହା ପାଦଦେଶର ଆଦିବାସୀ ଯୁବକ ଅନୀଲ।ଫୁଟବଲ୍ ଖେଳିବା ଥିଲା ତାର ନିଶା। ନୀଳଗିରି ଆଖପାଖ ଅଞ୍ଚଳର ଯେକୌଣସି ସ୍ଥାନରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ହେଲେ ଜଣେ ଖେଳାଳୀ ଭାବରେ ହେଉ କିମ୍ବା ଦର୍ଶକ ଭାବରେ ହେଉ ସବୁଠି ତା'ର ଉପସ୍ଥିତି। ନୀଳଗିରି ବ୍ଲକ୍ କେ.ସି.ପୁର ପଞ୍ଚାୟତ ବେତକଟା ଅଞ୍ଚଳର ବାରାଖେଦା ଗ୍ରାମର ସୁରେନ୍ଦ୍ର ସୋରେନଙ୍କ ଏକମାତ୍ର ୨୮ବର୍ଷୀୟ ପୁଅ ଅନୀଲ।ନିଜଗ୍ରାମର ସାଥୀ ଖେଳାଳୀମାନଙ୍କ ସହିତ ଗତ ୧୨ତାରିଖ ରବିବାର ନିକଟସ୍ଥ ଛତ୍ରପୁର ଖେଳପଡିଆକୁ ଫୁଟବଲ ମ୍ୟାଚ ଖେଳିବାକୁ ଯାଇଥିଲା। ସେଦିନ ଥିଲା ତା' ଜୀବନର ଶେଷ ସୂର୍ଯ୍ୟୋଦୟ। ସେ କିପରି ବା ଜାଣିଥାନ୍ତା !ପ୍ରତିଦ୍ୱନ୍ଦୀ ଅସ୍ତରଖି ଟିମ୍ ସହିତ ମ୍ୟାଚ୍ ଖେଳୁଥିବା ସମୟରେ ହଠାତ୍ ଅସ୍ତରଖୀ ଟିମ୍‌ର ଗୋଲକିପରଙ୍କ ଆଣ୍ଠୁଦ୍ୱାରା ତଳିପେଟ ଓ ଛାତିରେ ଶକ୍ତଆଘାତ ଲାଗିବାରୁ ଘଟଣାସ୍ଥଳରେ ଅନୀଲ ଟଳି ପଡ଼ିଥିଲା। ନିଃଶ୍ୱାସ ପ୍ରଶ୍ୱାସନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଫକୀର ମୋହନ ମେଡିକାଲ କଲେଜ ନିଆଯାଇଥିଲା। ଅବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ୧୫ତାରିଖ କଟକ ବଡ଼ମେଡ଼ିକାଲ ନିଆଯାଇ ଅପରେସନ କରାଯାଇ ଆଇସିୟୁରେ ରଖାଯାଇଥିଲା। ତେବେ ଚେତାଶୂନ୍ୟ ଅବସ୍ଥାରେ ଆଇସିୟୁରେ ଥିବାବେଳେ ଗତ ୧୬/୧୦/୨୫ରେ ମୃତ୍ୟୁବରଣ କରିଥିଲେ। ପରେ ହସ୍ପିଟାଲ ପକ୍ଷରୁ ଶବବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ପରେ ଏହି ଉଦୀୟମାନ ଖେଳାଳୀ, ପରୋପକାରୀ, ମେଳାପି, ଯୁବସମାଜସେବୀଙ୍କୁ ଏକ ଶୋକାକୁଳ ପରିବେଶରେ ଅନ୍ତିମ ବିଦାୟୀ ଦିଆଯାଇଥିଲା। ତାଙ୍କର ଏଭଳି ଅପ୍ରତ୍ୟାଶିତ ମୃତ୍ୟୁରେ ପରିବାର, ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ଗଭୀର ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି। ପରିବାରରେ ଏକମାତ୍ର ରୋଜଗାରିଆ ପୁଅ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି।

## ବାତ୍ୟା ଆଶଙ୍କାରେ ଚାଷୀ ଆତଙ୍କିତ

କୋରାଇ, ୨୮/୧୦ (ନି.ପ୍ର): ପାଣିପାଗ ବିଭାଗର ଆକଳନ ଅନୁଯାୟୀ ମୋନ୍ଥା ବାତ୍ୟାର ପ୍ରଭାବ ଯଦି ଅଧିକ ହୁଏ ବା ଗତିପଥ ବଦଳାଏ ତାହେଲେ କୋରେଇ ବ୍ଲକର ୨୮ଟି ପଂଚାୟତର ଚାଷୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି । ବର୍ତମାନ ଧାନ ଥୋଡ ଗୁଡିକ କେଉଁଠି ଫୁଲ ଖେଳାଉଛି ତ କେଉଁଠି ସମ୍ପୂର୍ଣ୍ଣ ବାହାରି ସାରିଲାଣି। ଅଳ୍ପ କିଛି ଥୋଡ ଅବସ୍ଥାରେ ଅଛି । ପବନ ଅଧିକ ହେଲେ ଧାନର ଫୁଲ ପିଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ଧାନ ଅଗାଡି ହୋଇଯିବ । ଦରପାଚିଲା ଧାନ ଛିଡିଯିବ । ଚାଷୀ ବର୍ଷ ଯାକର ଅମଳ ବା ଆହାର ପାଇଁ ଋଣ ଓ କରଜ କରି ସମସ୍ତ ଅର୍ଥ ଜମିରେ ଲଗାଇ ଦେଇଛି । ଏପରି ସ୍ଥଳେ ପବନ ବାତ୍ୟା ହେଲେ ସମସ୍ତ ରୋଜଗାର କ୍ଷତି ହେବା ସହ ବାତ୍ୟାର ସମ୍ଭାବନା ନେଇ ଚାଷୀ ଚିନ୍ତାରେ ରହିଛି । ସରକାର ଏହି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ଦୃଷ୍ଟି ଦେବାକୁ କୃଷକ ନେତା ବଳରାମ ସାହୁ ଦାବି କରିଛନ୍ତି ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି : ୪୭ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଜୟପୁର, ୨୮/୧୦ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଠାରେ କୋରାପୁଟ ଜିଲାପାଳ ମୋନଜ ସତ୍ୟବାନ ମହାଜନ, କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ବ୍ୟକ୍ତିଗତ ୩୮ଟି ଓ ଗୋଷ୍ଠିଗତ ୯ମୋଟ ୪୭ଟି ଅଭିଯୋଗର ଶୁଣାଣି ହୋଇଥିଲା । ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବୋଇରାଗିପଦର ମୌଜାରେ ଥିବା ସରକାରୀ ଗୋଚର ଜମି, ଜଙ୍ଗଲ ଜମି ଓ ଗ୍ରାମ ଦେବୀଙ୍କ ନାମରେ ଥିବା ଜମିକୁ ସେହି ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ବିଶେଷ ବେଆଇନ ଭାବରେ ଦଖଲ କରି ଗ୍ରାମପଂଚାୟତ ଦ୍ୱାରା ରୋପଣ କରାଯାଇଥିବା ଲେମ୍ବୁ ଗଛ, ଆମ୍ବ ଗଛ, ନିମ୍ବ ଓ ପିଜୁଳି ଗଛ ଉପାଡି ଦେଇ ସେଠାରେ ମକା ଚାଷ କରୁଛନ୍ତି । ଏହା ଫଳରେ ଗ୍ରାମ ବାସୀ ମାନେ ଗାଇ ଚୋରୁ ଚରାଇବା ପାଇଁ ଜନ୍ମସିଦ୍ଧ ଅଧିକାରରୁ ବଂଚିତ ହେଉଛନ୍ତି । ଜମିଗୁଡିକ ଗ୍ରାମର ସମସ୍ତଙ୍କ ଦୈନିକ ଆବଶ୍ୟକତା ପଇଁ ରଖି ଦିଆଯାଇଥିବା ସାଧାରଣ ଉପଯୋଗ ଯୋଗ୍ୟ ଜମି ଯାହା ଉପରେ କାହାର କୌଣସି ବ୍ୟକ୍ତିଗତ ଅଧିକାରି ନାହିଁ । ତେଣୁ ପ୍ରଶାସନ ଦାବିକୁ ଗୁରୁତର ସହ ନେଇ ବେଆଇନ ଭାବରେ ଦଖଲ କରିଥିବା ବ୍ୟକ୍ତି ମାନଙ୍କ ଠାରୁ ଜମିକୁ ତୁରନ୍ତ ମୁକ୍ତ କରାଯିବାକୁ ପ୍ରଶାସନୀୟ ବ୍ୟବସ୍ଥା ନିଆଯାଉ, ସେଠାରେ କରାଯାଉଥିବା ମକା ଚାଷକୁ ଜବତ କରିବାକୁ ଆବଶ୍ୟକ ଆଦେଶ ଜାରି କରାଯାଉ ଆଦି ଦାବି କରାଯାଇଛି । ଜୟପୁର ବ୍ଲକର ଅନ୍ତା ପଂଚାୟତ ୨୭ଟି ଗ୍ରାମ ଓ ୧୬ଟି ଓାର୍ଡକୁ ନେଇ ଗଠିତ ହୋଇଛି । ଏହି ପଂଚାୟତର ଧାନ ଚାଷୀ ମାନେ ଧାନ ବିକ୍ରି କରିବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଚାଷୀ ମାନେ ଉମୁରି ଆରଏମସିରେ ଧାନ ନେବା ପାଇଁ ଗାଡି ଭଡା ପଇସା ଅଧିକ ଟଙ୍କା ଦେବାକୁ ପଡୁଛି । ଏବଂ ତା ସହ ପ୍ରତ୍ୟେକ ଚାଷୀ ୫ରୁ ୬ ଦିନ ପର୍ଯ୍ୟନ୍ତ ଆରଏମସି ଅଫିସକୁ ଯିବା ଆସିବା କରିବା ପରେ ଧାନ ବିକ୍ରି ହେଉଛି । ତେଣୁ ପ୍ରତ୍ୟେକ ପଂଚାୟତରେ ଯେମିତି ସରକାରଙ୍କ ତରଫରୁ ଧାନ ମଣ୍ଡିର ବ୍ୟବସ୍ଥା ହେଉଛି ଠିକ ସେମିତି ଅନ୍ତା ପଂଚାୟତରେ ମଧ୍ୟ ମଣ୍ଡିର ବ୍ୟବସ୍ଥା କରାଯାଉ । ଅନ୍ତା ଠାରେ ନୂତନ ପ୍ରକଳ୍ପ କରିବାକୁ ସରପଂଚ ବାବୁଲା ଦିଶାରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ରାସ୍ତା, ବିଦ୍ୟାଳୟର ମରାମତି, ବିଦ୍ୟାଳୟ ଚାପିପଟେ ଥିବା ସରକାରି ଜମି ରହିଛି ତାହା ବିଦ୍ୟାଳୟ ନାମରେ ପଟ୍ଟା କରିବା, ସ୍ମଶାନରେ ଶବଦାହ ଗୃହ ଯୋଗାଇବା, ବସ ସେବା ଯୋଗାଇବା ଆଦି ଦାବି କରାଯାଇଛି । ସେହିପରି କେବିଡି ସରପଂଚ ଯୋଶେପ ସିରିକା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ରାସ୍ତା ନିର୍ମାଣ ନେଇ ଦାବି କରିଥିଲେ । ଜଗନ୍ନାଥ ସାଗର ତଟରେ ପେଟ୍ରୋଲ ପମ୍ପ ନିର୍ମାଣକୁ ବିରୋଧ କରାଯାଇ ଦାବି ପତ୍ର ପ୍ରଦାନ କରାଯାଇଛି । କୋଟପାଡ ଥାନା ଅନ୍ତର୍ଗତ ବାମୁଣିଆଗୁଡା ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସମାଜସେବି ବି ହରି ରାଓଙ୍କ ନେତୃତ୍ୱରେ ମହିଳା ଓ ଗ୍ରାମବାସୀ ମାନେ ଦ୍ୱାରସ୍ଥ ହୋଇଛନ୍ତି । ଏଠାରେ ପ୍ରବେସନାରି ଆଇଏଏସ ସନ୍ତୋଷ ପାତ୍ର, ଉପଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି, ଏସଡିପିଓ ପାର୍ଥ କଶ୍ୟପ ଜିଲା ଶିକ୍ଷାଧିକାରି କରୁଣାକର ଭୁଏ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, ଅତିରିକ୍ତ ପୌର କାର୍ଯ୍ୟନିବାହି ଅଧିକାରି ପୂଜା ରାଉତ ସହ ଜିଲା ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ

ଜୟପୁର, ୨୮/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୁଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବାପ୍ରାଧିକରଣ, ଜୟପୁରଙ୍କ ତତ୍ୱାବଧାନରେ ଜିଲ୍ଲା ମୁଖ୍ୟ ବିଚାରାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିଶିଥ୍ ନିଶଙ୍କ ପରିବାର ଅଦାଲତ ବିଚାରତି, ଡ.ସଂଘମିତ୍ରା ଦାଶ ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ବିଚାରରତି ପୋକ୍ସ କୋର୍ଟ, ସୁଶ୍ରୀ ପ୍ରଜ୍ଞାନଳିନୀ ମିଶ୍ର ଅତିରିକ୍ତ ଜିଲ୍ଲାଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ, ଏସ.ଶୁଭଲକ୍ଷ୍ମୀ ସି.ଜେ.ଏମ, ଶ୍ରୀ ସୂର୍ଯ୍ୟ ପ୍ରକାଶ ଦାସ ବରିଷ୍ଠ ଦେୱାନୀ ବିଚାରପତି, ଶ୍ରୀମତୀ ଅଳକାନନ୍ଦା ମହାନ୍ତି ବରିଷ୍ଠ ଦେୱାନୀ ତଥା ମହିଳା ଅଦାଲତ ବିଚାରପତି, ବିଷ୍ଣୁପ୍ରସାଦ ଦେବତା ରେଜିଷ୍ଟ୍ରାର୍ ସିଭିଲ କୋର୍ଟ, ଶ୍ରୀ ସନ୍ତୋଷ କୁମାର ବାରିକ ଏସ.ଡି.ଜେ.ଏମ, ଶ୍ରୀ ହରମୋହନ ଦଶ. ଜେ.ଏମ.ଏଫ.ସି, ଜୟପୁର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ଜିଲ୍ଲା ବିଚାରାଳୟର ସମସ୍ତ ବିଚାରବିଭାଗୀୟ ମାନେ ଉପସ୍ଥିତ ଥିଲେ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମକର୍ତା, ଜିଲ୍ଲା ବିଚାରାଳୟର ସମସ୍ତ ବିଭାଗର କର୍ମକର୍ତା, ଜିଲ୍ଲା ବାର ଆସୋସେସନ ର ସମସ୍ତ ଆଇନଜୀବି ବୃନ୍ଦ ଲିଗାଲ ଡିଫେନ୍ସ କାଉନସେଲ କର୍ମକର୍ତା ଏହି ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଧୁତାର ଶପଥ ପାଠ କରିଥିଲେ। ଏବଂ ଆଗାମି ଭବିଷ୍ୟତରେ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବାକୁ ସଂକଳ୍ପବଦ୍ଧ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର, ୨୮/୧୦ (ନି.ପ୍ର): ନୂଆପଡାରୁ ବଦଳି ହୋଇ ଆସି କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଯୋଗଦାନ କରିଥିବା କରୁଣାକର ଭୁଏଙ୍କୁ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଭୁଏ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଅଭିଯୋଗ ଶୁଣାଣି ଠାରେ ଯୋଗଦାନ କରିବା ପରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ । ସେହି ସମୟରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ, ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପଢ଼ି, ବରିଷ୍ଠ ସହାୟକ ଶଶୀ ଭୂଷଣ ଦାସ, ବାଳ ଗୋପାଳ ମିଶ୍ର, କନିଷ୍ଠ ସହାୟକ ସାନ୍ତୁନୁ ଜେନା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ, ସହକାରୀ ଓ ସୋମନାଥ ଗାଦବା, କିରଣ ମହାରଣା ଅନିଲ୍ ସାଗର, କମଲୁ ଜାନି ଓ ରମେଶ ପାଲକା ଉପସ୍ଥିତ ଥିଲେ ।

# ସେଲ୍ ସାବାସ୍ ଯୋଜନା ଅଧୀନରେ ଆରଏସପି ପାଇପ ପ୍ଲାଣ୍ଟ ବିଭାଗରେ କର୍ମଚାରୀ ପୁରସ୍କୃତ




ରାଉରକେଲା, ୨୮/୧୦ (ନି.ପ୍ର): ରାଉରକେଲା ସେଲ୍, ରାଉରକେଲା ଇସ୍ପାତ କାରଖାନାର ପାଇପ୍ ପ୍ଲାଣ୍ଟ ବିଭାଗରେ କର୍ମଚାରୀଙ୍କୁ ନିଜନିଜ କାର୍ଯ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତତା ଏବଂ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତାର ସ୍ୱୀକୃତି ସ୍ୱରୂପ 'ସାବାସ୍' ପୁରସ୍କାର ସମାରୋହରେ ପୁରସ୍କୃତ କରାଯାଇଛି। ଏହି ସମାରୋହରେ ଏଚଏସଏମ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ଅଧକ୍ଷତା କରି ବିଜେତାଙ୍କୁ ପୁରସ୍କାର ଏବଂ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଏମ୍ ଇନ-ଚାର୍ଜ (ପାଇପ୍ ପ୍ଲାଣ୍ଟ) ଶ୍ରୀ ମହମ୍ମଦ ଏମ୍. ୟୁ. ଲସ୍କର,, ପାଇପ୍ ପ୍ଲାଣ୍ଟ ବିଭାଗର ଜିଏମ୍ ଶ୍ରୀ ଅବିନାଶ ଚୌଧୁରୀ, ଏବଂ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି, ଶ୍ରୀ କୁମାର ପୁରସ୍କାର ବିଜେତାଙ୍କୁ ସେମାନଙ୍କର ଆନ୍ତରିକତା, ପ୍ରତିବଦ୍ଧତା ଏବଂ ବୈଷୟିକ ଦକ୍ଷତା ପାଇଁ ଅଭିନନ୍ଦନ ଜଣାଇଥିଲେ, ଯାହା ବିଭାଗର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ସେ ସେମାନଙ୍କୁ ସମାନ ଉତ୍ସାହ ସହିତ ସେମାନଙ୍କର ଭଲ କାମ ଜାରି ରଖିବାକୁ ଏବଂ ସାମୂହିକ ଅଭିବୃଦ୍ଧି, ପ୍ରେରଣା ଏବଂ ଏକ ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ବୃଦ୍ଧି କରିବା ପାଇଁ ସହକର୍ମୀଙ୍କ ସହିତ ଅଭିନବ ଚିନ୍ତାଧାରା ସହଭାଗିତା କରିବା ନିମନ୍ତେ ଉତ୍ସାହିତ କରିଥିଲେ।

ବର୍ଗ-୨ ପୁରସ୍କାର ବିଜେତାମାନେ ହେଲେ ଏସଡବ୍ଲୁପିପି ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ନାଗେଶ ଚନ୍ଦ୍ର ଷଡଙ୍ଗୀ, ଏବଂ ଇଆରଡବ୍ଲୁପିପି ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ପ୍ରତାପ କୁମାର ଗଡନାୟକ। ସ୍ପାଇରାଲ୍ ୱେଲ୍ଡେଡ୍ ପାଇପ୍ ପ୍ଲାଣ୍ଟରେ କ୍ୟାପିଟାଲ୍ ମରାମତି ସମୟରେ ଏମ୨.୧ ଏବଂ ଏମ୨.୨ୱେଲ୍ଡିଂ ମେସିନଗୁଡ଼ିକର ପରିବର୍ତ୍ତନ ଏବଂ ସ୍ଥାନାନ୍ତର ଓ ଇଆରଡବ୍ଲୁ ପାଇପ୍ ପ୍ଲାଣ୍ଟରେ ୟୁନିଭର୍ସାଲ୍ କେଜ୍ ଟପ୍ ରୋଲ୍ ବେୟରିଂ ହାଉସିଂର ମେସିନିଂ ଏବଂ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନରେ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

ବର୍ଗ-୧ ପୁରସ୍କାର ଅଧୀନରେ ଇଆରଡବ୍ଲୁପିପି ୟୁନିଟ୍ ରୁ ଜୁନିୟର ଇଞ୍ଜିନିୟର ଶ୍ରୀ ସୁଧୀର କୁମାର ରଥ, ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ବିଭୂତିଭୂଷଣ ବେହେରା, ଏସଡବ୍ଲୁପିପି ୟୁନିଟ୍ ରୁ ଜୁନିୟର ଇଞ୍ଜିନିୟର ଶ୍ରୀ ରଞ୍ଜୟ କୁମାର ମିଶ୍ର ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଶଙ୍କରଣ ଓଝାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଆରଡବ୍ଲୁପିପିର ଅନକଏଲର ଅଞ୍ଚଳ ଏବଂ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଅସୁରକ୍ଷିତ ପରିସ୍ଥିତି ଦୂର କରିବା, ୫ଏସ ସିଷ୍ଟମ କାର୍ଯ୍ୟାନ୍ୱୟନର ଅଂଶ ଭାବରେ ଷ୍ଟୋରରେ ଅନାବଶ୍ୟକ ସାମଗ୍ରୀ ଚିହ୍ନଟ ଏବଂ ପୃଥକୀକରଣ କରିବା, ଏସଡବ୍ଲୁପିପି ରେ ୨୦-ଇଞ୍ଚ କାର୍ଯ୍ୟ ପାଇଁ ଏମ୨.୧ର କେଜ୍ ସେଟିଂ କରିବା ଏବଂ ସପଫ୍ଲୋର ଏବଂ ଚାରିପାଖରେ ଉଚ୍ଚମାନର ହାଉସକିପିଂ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରୟାସ ପାଇଁ ସେମାନଙ୍କୁ ସ୍ୱୀକୃତି ଦିଆଯାଇଥିଲା।

# ଗଣତନ୍ତ୍ର, ମାର୍କ୍ସବାଦ ଏବଂ ଧର୍ମ




ଗୋପାଳ ମହାପାତ୍ର


ନେପାଳରେ ଗତ ସେପ୍ଟେମ୍ବର ମାସରେ ଯାହାସବୁ ଘଟିଗଲା ତାପରେ ଗଣତନ୍ତ୍ର, ଧର୍ମ ଓ ମାର୍କ୍ସବାଦ ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ନେପାଳ ଘଟଣାରୁ ଆଉ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଗଣତନ୍ତ୍ର ମଧ୍ୟ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାରେ ସଫଳ ନୁହେଁ। ଯଦି ଆମେ ମାନବତାର ଇତିହାସକୁ ଦେଖିବା ତେବେ ଜଣାପଡିବ ଯେ ଏମିତି ସମୟ ଥିଲା ଯେତେବେଳେ ପୁରା ସମାଜରେ ଅରାଜକତା ଥିଲା ଓ "ଜୋର ଯାର ମୁଲକତାର" ନୀତି ଚାଲିଥିଲା। ଏହାପରେ ଧିରେ ଧିରେ ଏହି ବ୍ୟବସ୍ଥା ଖତମ ହେଲା ଓ ରାଜା ଶାସନ ଆସିଲା। ପୁରା ଦୁନିଆରେ ରାଜା ଶାସନ ଥିଲା। ଇଂଲଣ୍ଡ, ଫ୍ରାନ୍ସ, ଇଟାଲି ଭଳି ଦେଶର ରାଜାମାନେ ସାରା ଦୁନିଆର ଅନେକ ଅଂଶରେ ଶାସନ କରୁଥିଲେ। ବ୍ରିଟିଶ (ଇଂଲଣ୍ଡ) ସାମ୍ରାଜ୍ୟରେ ତ ସୂର୍ଯ୍ୟଅସ୍ତ ହେଉନଥିଲେ। ଅନେକ ସାମ୍ରାଜ୍ୟବାଦୀ ଦେଶରେ ଆନ୍ଦୋଳନ ହେଲା। ଇଂଲଣ୍ଡରେ ମଧ୍ୟ ଆନ୍ଦୋଳନ ହେଲା ଯେଉଁଠି ସାମ୍ରାଜ୍ୟବାଦୀ ଶାସନକୁ ଉପାଡ଼ିଦେବା ଦିଗରେ ଭାରତର ମଧ୍ୟ ଯୋଗଦାନ ଥିଲା। ଭାରତରେ ସ୍ୱାଧିନତା ପାଇଁ ଜୋରଦାର ଆନ୍ଦୋଳନ ହେଲା। କିଛି ହିଁସାର ରାସ୍ତା ଆପଣେଇଲେ କିନ୍ତୁ ଗାନ୍ଧୀଙ୍କ ନେତୃତ୍ୱରେ ଅହିଂସା ଆନ୍ଦୋଳନକୁ ଅଧିକ ଲୋକ ପସନ୍ଦ କରିଥିଲେ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ ହେଲା। ପରେ ନେହେରୁଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ଆମଦେଶ ସ୍ୱାଧିନତାର ସ୍ୱାଦ ଚାଖିଲା।

ଧିରେ ଧିରେ ବିଶ୍ୱର ଅନେକ ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବ୍ୟାପିଲା କିନ୍ତୁ ଇତି ମଧ୍ୟରେ ଆଉ ଏକ ବିଚାରଧାରା ଜନ୍ମ ନେଇଥିଲା ଯାହାକୁ ମାର୍କ୍ସବାଦ କୁହାଗଲା। ମାର୍କ୍ସବାଦରେ ଗୋଟିଏ ସିଦ୍ଧାନ୍ତ ନିରୁପିତ କରାଗଲା ଯେଉଁଥିରେ କୁହାଗଲା ଯେ ସାରା ଦୁନିଆରେ ଶାସନ କରିବାର ଅଧିକାର କେବଳ ଜନତାଙ୍କର ରହିଛି। ତତ୍କାଳୀନ ସୋଭିଏତ ସଂଘରେ ମାର୍କ୍ସବାଦ ସରକାର ଗଠିତ ହେଲା। ୧୯୧୭ରେ ମାର୍କ୍ସବାଦୀ ସରକାର ଗଠିତ ହୋଇଥିଲା କିନ୍ତୁ ଶତାବ୍ଦି ପର୍ଯ୍ୟନ୍ତ ଏହା ଚାଲିପାରିଲା ନାହିଁ। ଏହାର ମୂଳଦୁଆ ଉପୁଡିଗଲା। ଏଥିରୁ ଜଣାପଡିଲା ଯେ ମାର୍କ୍ସବାଦ ମଧ୍ୟ ସମାପ୍ତ ବା ବିଲୋପ ହୋଇପାରେ। କେବଳ ସୋଭିଏତ ସଂଘରେ ନୁହେଁ ବିଶ୍ୱର ଆହୁରି ଅନେକ ଦେଶରେ ମଧ୍ୟ ମାର୍କ୍ସବାଦୀ ସରକାର ଗଠିତ ହୋଇଥିଲା କିନ୍ତୁ ଧିରେ ଧିରେ ଅନେକ ଦେଶରେ ମାର୍କ୍ସବାଦୀ ସରକାରର ପତନ ଘଟିଲା। ଏବେ କ୍ୟୁବା ଭଳି ଦେଶରେ ମାର୍କ୍ସବାଦୀ ସରକାର ରହିଛି ଯେଉଁଠି ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଇ ପାରୁନାହିଁ। ଚୀନରେ କମ୍ୟୁନିଷ୍ଟ ସରକାର ଥିଲା କିନ୍ତୁ ଏବେ ଦେଖାଯାଉଛି ଯେ ଚୀନରେ ପୁଞ୍ଜିବାଦୀ ସରକାର ଚାଲିଛି। ଭିଏତନାମରେ କମ୍ୟୁନିଷ୍ଟ ସରକାର ଥିଲା କିନ୍ତୁ ଆଉ ସେଠି କମ୍ୟୁନିଷ୍ଟ ସରକାର ନାହିଁ। ଉତ୍ତର କୋରିଆରେ ଏବେ ଯେଉଁ ସରକାର ଅଛି ତାହା ନାମକୁ ମାତ୍ର କମ୍ୟୁନିଷ୍ଟ କିନ୍ତୁ ସେଠାରେ ଏକଛତ୍ରବାଦ ଶାସନ ଚାଲିଛି। ଉତ୍ତର କୋରିଆର ଶାସକ ମାର୍କ୍ସବାଦର ଚେହେରାକୁ ଏଭଳି ପେଶ କଲେ ଯେ ତାର ଲୋକପ୍ରିୟତା ଖତମ ହୋଇଗଲା। ବିଶ୍ୱର ଅନେକ ଦେଶରେ ମାର୍କ୍ସବାଦ ସଂଗଠନ ରହିଛି କିନ୍ତୁ ସେମାନେ ଶାସନ ଗାଦିକୁ ଆସି ପାରୁନାହାଁନ୍ତି ଏବଂ ସେ ସବୁ ଦେଶର ମାର୍କ୍ସବାଦୀ ସଂଗଠନ ମାନଙ୍କର ଅଧୋପତ୍ତନ ଏମିତି ହୋଇଛି ଯାହା କଳ୍ପନା କରାଯାଇନଥିଲା।

ଆମ ଦେଶର କେରଳ ରାଜ୍ୟରେ ପ୍ରଥମେ କମ୍ୟୁନିଷ୍ଟ ସରକାର ଗଠନ ହୋଇଥିଲା ହେଲେ କିଛିଦିନ ପରେ କଂଗ୍ରେସ କମ୍ୟୁନିଷ୍ଟ ସରକାରର ପତନ ଘଟାଇ ସରକାରକୁ ଆସିଥିଲା। ସଂଯୋଗ ବଶତଃ ଏବେ କେରଳରେ କମ୍ୟୁନିଷ୍ଟ ସରକାର ଅଛି ଓ ଭଲ କାମ ମଧ୍ୟ କରୁଛି। ଏବେ କେରଳ ହେଉଛି ଭାରତର ଏକମାତ୍ର ରାଜ୍ୟ ଯେଉଁଠି କମ୍ୟୁନିଷ୍ଟ ପାର୍ଟି ଶାସନରେ ଅଛି। ଦୁର୍ଭାଗ୍ୟ ବଶତଃ ଭାରତର କମ୍ୟୁନିଷ୍ଟ ପାର୍ଟି ଦୁଇଭାଗରେ ବିଭକ୍ତ। ଗୋଟିଏ ହେଉଛି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ଏବଂ ଅନ୍ୟଟି ହେଉଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)। କମ୍ୟୁନିଷ୍ଟ ପାର୍ଟି ବିଭାଜିତ ହେଲା କାହିଁକି ? କେଉଁ ସିଦ୍ଧାନ୍ତରେ ବିଭାଜନ ହେଲା ? ଏସବୁ କଥା ବି ଠିକ୍ ଭାବରେ ବୁଝିହୁଏ ନାହିଁ।

ଗଣତନ୍ତ୍ର ମଧ୍ୟ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରି ପାରୁନାହିଁ ବୋଲି ଏବେ ଜଣାପଡୁଛି। ୩୦୦ ବର୍ଷ ହେବ ଆମେରିକାରେ ଗଣତନ୍ତ୍ର ରହିଛି କିନ୍ତୁ ସେଠି ମଧ୍ୟ କିଛି ପ୍ରତିଶତ ଲୋକ ଏବେବି ସଡ଼କରେ ରାତ୍ରିଯାପନ କରନ୍ତି। ବ୍ରିଟେନରେ ମଧ୍ୟ ଏହି ଏକାସ୍ଥିତି। ଆମ ଦେଶରେ ମଧ୍ୟ ଗଣତନ୍ତ୍ର ରହିଛି ପରନ୍ତୁ ଅନେକ ଲୋକଙ୍କର ବାସଗୃହ ନାହିଁ। ଏହାର ସିଧାସଳଖ ଅର୍ଥ ହେଉଛି ଆଜିବି ଦେଶର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହାର କାରଣ ହେଉଛି ଗଣତନ୍ତ୍ର ନାମରେ ଲୋକଙ୍କୁ ଲୁଟ କରାଯାଉଛି। ଗରୀବଙ୍କ ପାଇଁ ଆସୁଥିବା ସରକାରୀ ଯୋଜନା ବାଟମାରଣା ହେଉଛି। ଭାରତର ୮୧ କୋଟି ଲୋକଙ୍କୁ ଏବେ ସରକାର ମାଗଣା ରାସନ ସାମଗ୍ରୀ (ଚାଉଳ, ଗହମ) ଦେଉଛନ୍ତି। ଅନେକ ଦେଶରେ ଗଣତନ୍ତ୍ର ସନ୍ତୁଳିତ ନୁହେଁ। ଫ୍ରାନ୍ସର କିଛି କିଛି ମାସର ବ୍ୟବଧାନରେ ପ୍ରଧାନମନ୍ତ୍ରୀ ବଦଳୁଛନ୍ତି ଜାପାନରେ ମଧ୍ୟ କିଛି ବର୍ଷର ଅବଧିରେ ପ୍ରଧାନମନ୍ତ୍ରୀ ବଦଳିଥାନ୍ତି। ଆମଦେଶରେ କଂଗ୍ରେସ ଅଭିଯୋଗ କରୁଛି ଶାସକ ଦଳ ଭୋଟ ଚୋରୀ କରି ସରକାରକୁ ଆସିଛନ୍ତି। କଂଗ୍ରେସ ନେତା ରାହୁଳ ଗାନ୍ଧୀ ଅଭିଯୋଗ କରୁଛନ୍ତି ଯେ ମହାରାଷ୍ଟ୍ର, ହରିଆଣା, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକରେ ଭୋଟ ଚୋରୀ ହୋଇଛି। ରାହୁଳ ଗାନ୍ଧୀଙ୍କ ଅଭିଯୋଗରେ କେତେ ସତ୍ୟତା ଅଛି ସେ କଥା କୁହାଯାଇପାରିବ ନାହିଁ କିନ୍ତୁ ଏକଥା ସ୍ପଷ୍ଟ ଯେ ଗଣତନ୍ତ୍ର ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ।

ଅନେକ ଦେଶରେ ଏବେ ଧର୍ମ ଆଧାରିତ ଶଶସନ ଚାଲିଛି। ଇସଲାମ ଧର୍ମକୁ ମାନୁଥିବା ଅନେକ ଦେଶରେ ଏଭଳି ଧର୍ମ ଆଧାରିତ ଶାସନ ଚାଲିଛି। ସାଉଦୀ ଆରବ ଏକ ଧନୀ ଦେଶ କିନ୍ତୁ ସେଠାକାର ବ୍ୟବସ୍ଥା ଇସଲାମୀ। ପାକିସ୍ଥାନର ଶାସନ ବ୍ରବସ୍ଥା ଇସଲାମ ଆଧାରିତ। ଆମ ଦେଶ ଭାରତରେ ଧର୍ମ ଆଧାରିତ ଶାସନ ବ୍ୟବସ୍ଥା ଚଳାଇବା ପାଇଁ ଅନେକେ ପ୍ରୟାସ କରୁଛନ୍ତି। ଭାରତକୁ ହିନ୍ଦୁ ରାଷ୍ଟ୍ର କରିବା ପାଇଁ ଉଦ୍ୟମ ଚାଲିଛି। ନେପାଳରେ ହିନ୍ଦୁ ରାଜାଙ୍କ ଶାସନ ଥିଲା ଓ ରାଜା ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ। ସେଠାକାର କମ୍ୟୁନିଷ୍ଟ ପାର୍ଟି ରାଜାଶାସନ ବ୍ୟବସ୍ଥାକୁ ବିରୋଧ କରି ସେଇ ବ୍ୟବସ୍ଥାକୁ ଲୋପ କରିଦେଲା ଓ ହିନ୍ଦୁ ସାମ୍ରାଜ୍ୟ ମଧ୍ୟ ଖତମ ହୋଇଗଲା। ନେପାଳରେ ଗଣତାନ୍ତ୍ରିକ ସରକାର ଗଠନ ହେଲା କିନ୍ତୁ ଶାସନ ବ୍ୟବସ୍ଥା ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କଲା। ଅବସ୍ଥା ଏମିତି ହେଲା ଯେ ନେପାଳର ଯୁବବର୍ଗ ହିଁସାକାଣ୍ଡ ଘଟାଇବାକୁ ବାଧ ହେଲେ। ବଙ୍ଗଳା ଦେଶରେ ମଧ୍ୟ ସେହିଭଳି ଶାସନ ବ୍ୟବସ୍ଥାର ପରିବର୍ତ୍ତନ ହେଲା। ବଙ୍ଗଳା ଦେଶର ପ୍ରଧାନମନ୍ତ୍ରୀ ଥିଲେ ଶେଖ ହସିନା। ଶେଖ ମୁଜିବୁର ରହମନଙ୍କ ନେତୃତ୍ୱରେ ଆନ୍ଦୋଳନ ହେଲା ଓ ପାକିସ୍ଥାନରୁ ଅଲଗା ହୋଇ ବଙ୍ଗଳାଦେଶ ଗଠନ ହେବା ପରେ ସେଠାରେ ଗଣତାନ୍ତ୍ରିକ ଶାସନ ଚାଲିଥିଲା। କିଛି ବର୍ଷ ଗଣତାନ୍ତ୍ରିକ ଶାସନ ଚାଲିଲା କିନ୍ତୁ ମୁଜିବୁର ରହମନଙ୍କ ପୁତ୍ରୀ ଶେଖ ହସିନା ଗଣତନ୍ତ୍ରର ମୂଳ ଉପାଡିବା ପାଇଁ ଉଦ୍ୟମକଲେ। ବଙ୍ଗଳାଦେଶରେ ହିଁସାକାଣ୍ଡ ବ୍ୟାପିଲା ଓ ଅବସ୍ଥା ଏଭଳି ଭୟଙ୍କର ହେଲା ଯେ ଶେଖ ହସିନାଙ୍କୁ ଭାରତ ଆସି ଶରଣ ନେବାକୁ ପଡିଲା। ପାକିସ୍ଥରନରେ ତ ଗଣତନ୍ତ୍ର ନାହିଁ କହିଲେ ଚଳେ ଶ୍ରୀଲଙ୍କାରେ ମଧ୍ୟ ଗଣତନ୍ତ୍ର ମଜମୁତ ନୁହେଁ। ମ୍ୟାମାରରେ ବର୍ଷକରୁ ଅଧିକ ସମୟ ହେବ ସେନା ଶାସନ ଚାଲିଛି। ମ୍ୟାମାରର ସବୁଠାରୁ ପ୍ରଭାବଶାଳୀ ନେତା ଏବଂ ନୋବେଲ ପୁରସ୍କାର ବିଜେତା ଆଙ୍ଗ ସାନସୁ ନିର୍ବାଚନରେ ଜିତିବା ପରେ ମଧ୍ୟ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଗଲା।

ଭାରତରେ ମଧ୍ୟ ଗଣତନ୍ତ୍ରର ମୂଳଦୁଆ ଅଧିକ ମଜଭୁତ ନୁହେଁ। ପଣ୍ଡିତ ନେହେରୁ ଯେଉଁ ଆଧାରରେ ଭାରତରେ ଗଣତନ୍ତ୍ରର ସ୍ଥାପନା କରିଥିଲେ ତାକୁ କିଛି ଲୋକ ସମାଲୋଚନା କରୁଛନ୍ତି। ନେହେରୁଙ୍କର ନିନ୍ଦାଗାନ କରୁଛନ୍ତି। ନେହେରୁ ଦେଶକୁ ସାମ୍ପ୍ରଦାୟିକତା ଠାରୁ ଦୂରରେ ରଖିବାକୁ ଚାହୁଁଥିଲେ। ଭାରତରେ ସବୁଧର୍ମର ଲୋକ ଅଛନ୍ତି। ହିନ୍ଦୁ ଅଛନ୍ତି, ମୁସଲମାନ ଅଛନ୍ତି, ଶିଖ, ଖ୍ରୀଷ୍ଟିଆନ, ବୌଦ୍ଧ ଓ ଜୈନ ମଧ୍ୟ ଅଛନ୍ତି। ଏସବୁ ଧର୍ମର ଲୋକଙ୍କ ସୁରକ୍ଷା ହୋଇପାରିବ ଯଦି ଆମ ଦେଶର ଶାସନ ଧର୍ମନିରପେକ୍ଷ ହେବ। କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଧର୍ମନିରପେକ୍ଷତାର ଜଡ଼ ଦୁର୍ବଳ ହେବାରେ ଲାଗିଛି। କେବଳ ଭାରତରେ ନୁହେଁ ବିଶ୍ୱରେ ଏବେ ଗଣତନ୍ତ୍ର ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଏଣୁ ଆଗାମୀ ଦିନରେ କ'ଣ ଆଉ କିଛି ନୂଆ ବିଚାରଧାରାର ଅଭ୍ୟୁଦୟ ହେବ କି ?


+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪


# ଶହୀଦ ସଂଗ୍ରାମୀ – ଜୟୀ ରାଜଗୁରୁ




ଅକ୍ଷୟ କୁମାର ରାଉତ


ଯେଉଁ ଦେଶର କ୍ଷିତ୍, ଆପ୍ ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଣ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧା ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।


ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ. - ୯୯୩୭୬୯୧୪୭୫


# ବରିଷ୍ଠଜନଙ୍କ ନିର୍ଜନତା : ବୟସଟା ଏକ ସଂଖ୍ୟା ମାତ୍ର


ଡ଼ଃ.ଅରୁନ୍ଧତୀ ଦେବୀ


ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ପରିବାରରେ ସନ୍ତାନ ମାନଙ୍କର ଦ୍ୱାରା କିମ୍ବା ଚାକରବାକର ମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ୨୦୨୩ ମସିହାରେ ୬୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ୯.୭% ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୫.୧% ଥିବାବେଳେ ତାମିଲନାଡୁ ୧୪% ଏବଂ ହିମାଚଳ ପ୍ରଦଶେ ୧୩.୨% ରହିଛି। ଏହି ରିପୋର୍ଟ ୮୮ ଲକ୍ଷ ଲୋକଙ୍କ ସର୍ଭେ କରି ପ୍ରସ୍ତୁତ କରାଯାଇଛି। ଏଥିରେ ଜନସଂଖ୍ୟା, ପ୍ରଜନନ ଓ ମୃତ୍ୟୁହାର ଭଳି ସୂଚକ ଆଦାରରେ ତଥ୍ୟ ପ୍ରସ୍ତୁତ କରାଯାଇଛି। ଅନ୍ୟପକ୍ଷରେ ଦେଶରେ ମୋଟ ପ୍ରଜନନ ହାର ୧୯୭୧ ମସିହାରେ ୫.୨ ଥିବାବେଳେ ୨୦୨୩ ମସିହାରେ ହ୍ରାସ ପାଇ ୧.୯ ହୋଇଛି। ୧୯୭୧-୮୧ ମଧ୍ୟରେ ୦ ରୁ ୧୪ ବର୍ଷ ବୟସର ପିଲାଙ୍କ ଜନସଂଖ୍ୟା ୪୧.୨%ରୁ ହ୍ରାସ ପାଇ ୩୮.୧%ରେ ପହଞ୍ଚିବାବେଳେ ୧୯୯୧ରୁ ୨୦୨୩ ମଧ୍ୟରେ ୩୬.୩%ରୁ ହ୍ରାସ ପାଇ ୨୪.୨% ହୋଇଛି। ଗତ ୫୦ ବର୍ଷ ମଧ୍ୟରେ ପିଲାଙ୍କ ଅଂଶ ପ୍ରାୟ ୧୭% ହ୍ରାସ ପାଇଛି। ତେବେ ଦିଲ୍ଲୀର ଗ୍ରାମାଞ୍ଚଳ ବ୍ୟତୀତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୦-୧୪ ବର୍ଷ ବୟସର ପୁଅଙ୍କ ସଂଖ୍ୟା ଝିଅ ମାନଙ୍କ ତୁଳନାରେ ଅଧିକ ରହିଛି। ୨୦୨୩ ମସିହାରେ ଦେଶରେ ଶିଶୁ ମୃତ୍ୟୁ ହାର ୨୫କୁ ହ୍ରାସ ପାଇଛି। ୨୦୧୩ରେ ଏହା ୪୦ ଥିବା ବେଳେ ୧୦ ବର୍ଷ ମଧ୍ୟରେ ଏହା ୩୭.୫% ହ୍ରାସ ପାଇଛି। ସେହିପରି ଗତ ୧୦ ବର୍ଷ ମଧ୍ୟରେ ଶିଶୁ ଜନ୍ମହାରରେ ୧୪ ପ୍ରତିଶତ ହ୍ରାସ ରେକର୍ଡ଼ କରାଯାଇଛି। ୨୦୧୩ରେ ଏହି ହାର ୨୧.୪ ପ୍ରତିଶତ ଥିବାବେଳେ ଏବେ ୧୮.୪ ପ୍ରତିଶତ ରହିଛି। ବୟସ ବଢ଼ିଲେ ସ୍ୱାଭାବିକ ଭାବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣୁତେଣୁ କହିପକେଇବ ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ ହୁଏ। ବୟସ୍କ ମାନଙ୍କୁ ଅନ୍ୟ ମାନଙ୍କ ସହିତ ମିଳାମିଶା କରିବାକୁ ବାସନ୍ଦ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ। ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କର କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବା ଅନୁକୂଳ ପ୍ରଭାବ ସୁଦୂର ପ୍ରସାରି। ଖୁସିର କଥା କଟକ ଅଲିଶା ବଜାର ବରିଷ୍ଠ ନାଗରିକ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ଅଲିଶା ବଜାର ଯୋଗଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲିଭର ବିଶେଷଜ୍ଞ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ବୟସ୍କମାନେ ସମାଜର ମୂଲ୍ୟବାନ ସମ୍ପତ୍ତି ବୋଲି ମତବ୍ୟକ୍ତ କରିବା ସହ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଚକ୍ରଧର ବେହେରା, ସମ୍ପାଦକ ମନମୋହନ ବେହେରା, ବରିଷ୍ଠ ସଭ୍ୟ ଶିବ କୁମାର ଜେନା, ଇଞ୍ଜିନିୟର ସଚ୍ଚିଦାନନ୍ଦ ନନ୍ଦ, ମହେନ୍ଦ୍ର କୁମାର ସାହୁ, ସିଦ୍ଧାର୍ଥ କୁମାର ସାହୁ, ବସନ୍ତ କୁମାର ସିଂହ, ଜାହିର ଖାନ୍, ଶଙ୍କର ଦାସ, ନାରାୟଣ ବେହେରା, ସଚ୍ଚିଦାନନ୍ଦ ଦାସ, ଉମେଶ ଚନ୍ଦ୍ର ସେଠୀ, ଭାସ୍କର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଯୋଗ ବିଦ୍ୟାଳୟର କର୍ମକର୍ତ୍ତା ରଘୁନାଥ ବେହେରା, ଫକୀର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଘମିତ୍ରା ଜେନା, ଗୀତାଞ୍ଜଳୀ ବେହେରା, ଗାୟତ୍ରୀ ପଣ୍ଡା, ଏମ.ଏ.ଟି. ବେଗ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଅଲିଶା ବଜାର ମେଢ଼ ଓ ସହରରେ ଚାନ୍ଦିମେଢ଼ର କୁଶଳୀ ଭାସ୍କର୍ଯ୍ୟ ଶିଳ୍ପୀ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ମାନୀତ ଓ ପ୍ରଶଂସିତ ହୋଇଥିବା ବର୍ଷୀୟାନ ଭାସ୍କର୍ଯ୍ୟଶିଳ୍ପୀ ଦେବେନ୍ଦ୍ର କୁମାର ସାହୁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମିତ୍ତ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉକି ବର୍ଷର ବିଭିନ୍ନ ସମୟରେ ଟ୍ରଷ୍ଟ ପକ୍ଷରୁ ନିୟମିତ କାର୍ଯ୍ୟକ୍ରମ ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତ୍ରୀ, ସେମାନେ ଯେପରି ନିଜ ନିଜର ଅବଶିଷ୍ଟ ଜୀବନ କାଳ ସମ୍ମାନର ସହ ବଞ୍ଚି ରହିବେ - ଏହା ଦେଖିବାପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାନସିକ ସ୍ୱାସ୍ଥ୍ୟ: ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ

ଆଧୁନିକତାର ଦ୍ରୁତ ଗତିରେ ଆଗଉଥିବା ପୃଥିବୀରେ ଆମେ ଅନେକ ବିକାଶର ଗାଥା ଶୁଣୁଛେ, କିନ୍ତୁ ଏହାର ଅନ୍ତରାଳରେ ଏକ ନୀରବ ମହାମାରୀ ନିଜର କାୟା ବିସ୍ତାର କରିଚାଲିଛି । ଏହା ହେଉଛି ମାନସିକ ସ୍ୱାସ୍ଥ୍ୟ ସଙ୍କଟ, ଯାହା ଆଜି ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର କରାଳ ରୂପ ଦେଖାଇବାରେ ଲାଗିଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ପ୍ରକାଶିତ ତଥ୍ୟ ଏକ ଭୟାବହ ସତ୍ୟକୁ ପଦାରେ ପକାଇଛି, ଯାହା ଅନୁଯାୟୀ ବିଶ୍ୱବ୍ୟାପୀ ଶହେ କୋଟିରୁ ଅଧିକ ଲୋକ କୌଣସି ନା କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି । ଉଦ୍‌ବେଗ (anxiety) ଏବଂ ଅବସାଦ (depression) ଭଳି ସମସ୍ୟା ଆଜି ଘରେ ଘରେ ପହଞ୍ଚି ସାରିଲାଣି, କିନ୍ତୁ ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ଅତ୍ୟନ୍ତ ନଗଣ୍ୟ । ଏହି ସଙ୍କଟ କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନାହିଁ, ବରଂ ଏହା ସମାଜ, ଅର୍ଥବ୍ୟବସ୍ଥା ଏବଂ ସାମଗ୍ରିକ ଭାବେ ମାନବ ବିକାଶ ଉପରେ ଗଭୀର ପ୍ରଭାବ ପକାଉଛି ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଅକ୍ଷମତାର ଦ୍ୱିତୀୟ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ଏହା ସତ୍ତ୍ୱେ ଏହାକୁ ଯେଉଁ ଗୁରୁତ୍ୱ ମିଳିବା କଥା, ତାହା ମିଳୁନାହିଁ । ଅଧିକାଂଶ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମାନସିକ ସ୍ୱାସ୍ଥ୍ୟକୁ ଏବେବି ଅବହେଳା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଦେଶଗୁଡ଼ିକ ନିଜ ସ୍ୱାସ୍ଥ୍ୟ ବଜେଟର ମାତ୍ର ଦୁଇ ପ୍ରତିଶତ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି, ଏବଂ ଏହି ପରିମାଣ ୨୦୧୭ ମସିହାରୁ ସ୍ଥିର ରହିଛି । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଯେ, ଆମେ ଶାରୀରିକ ସ୍ୱାସ୍ଥ୍ୟକୁ ଯେତିକି ଗୁରୁତ୍ୱ ଦେଉଛେ, ମାନସିକ ସ୍ୱାସ୍ଥ୍ୟକୁ ତା'ର ଏକ ଛୋଟ ଅଂଶ ଭାବରେ ମଧ୍ୟ ବିବେଚନା କରୁନାହୁଁ। ଏହି ଅବହେଳାର ପରିଣାମ ଅତ୍ୟନ୍ତ ଭୟଙ୍କର । ବିଶ୍ୱ ଅର୍ଥନୀତିକୁ ଏହା ବାର୍ଷିକ ପ୍ରାୟ ଏକ ଟ୍ରିଲିୟନ ଡଲାରର କ୍ଷତି ପହଞ୍ଚାଉଛି, ଯାହାକି କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ହ୍ରାସ ଯୋଗୁଁ ହେଉଛି । ଯେତେବେଳେ ଜଣେ କର୍ମଚାରୀ ମାନସିକ ଅବସାଦରେ ପୀଡ଼ିତ ହୁଏ, ସେତେବେଳେ ତା'ର କାର୍ଯ୍ୟଦକ୍ଷତା କମିଯାଏ, ଯାହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଥାଏ ।

ଏହି ସଙ୍କଟର ଆଉ ଏକ ଦୁଃଖଦ ଦିଗ ହେଉଛି ଏଥିରେ ଥିବା ଭୟଙ୍କର ଅସମାନତା । ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସେବାରେ ଆକାଶ ପାତାଳର ଫରକ ଦେଖିବାକୁ ମିଳେ । ଉଚ୍ଚ-ଆୟକାରୀ ଦେଶଗୁଡ଼ିକ ଯେଉଁଠି ନିଜ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ବାର୍ଷିକ ମୁଣ୍ଡପିଛା ୬୫ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି, ସେଠାରେ ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ଏହି ପରିମାଣ ମାତ୍ର ଚାରି ସେଣ୍ଟ ଅଟେ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଗରିବ ଦେଶର ନାଗରିକମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସେବା ଏକ ସ୍ୱପ୍ନ ସଦୃଶ । ବିଶ୍ୱ ସ୍ତରରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୩ ଜଣ ମାନସିକ ସ୍ୱାସ୍ଥ୍ୟ କର୍ମୀ ଉପଲବ୍ଧ ଅଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ଏହି କାରଣରୁ ନିମ୍ନ-ଆୟକାରୀ ଦେଶମାନଙ୍କରେ ୧୦ ପ୍ରତିଶତରୁ କମ୍ ପ୍ରଭାବିତ ବ୍ୟକ୍ତି ଚିକିତ୍ସା ସେବା ପାଇପାରୁଥିବା ବେଳେ ଉଚ୍ଚ-ଆୟକାରୀ ଦେଶମାନଙ୍କରେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ । ଏହି ଅସମାନତା କେବଳ ଅର୍ଥନୈତିକ ସ୍ତରରେ ନୁହେଁ, ବରଂ ଲିଙ୍ଗଗତ ସ୍ତରରେ ମଧ୍ୟ ଦେଖାଯାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ ଦୁଇଗୁଣ ଅଧିକ ଅବସାଦର ଶିକାର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି । ସେହିଭଳି ଯୁବପିଢ଼ି, ବିଶେଷକରି ୧୮ରୁ ୩୪ ବର୍ଷ ବୟସର ଯୁବକଯୁବତୀମାନେ, ଏହି ସଙ୍କଟ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଛନ୍ତି । କୋଭିଡ-୧୯ ମହାମାରୀ ପରଠାରୁ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟରେ ଯେଉଁ ନାଟକୀୟ ହ୍ରାସ ଦେଖାଦେଇଥିଲା, ସେଥିରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧାର ଆସିପାରିନାହିଁ ।

ଆତ୍ମହତ୍ୟା ଏହି ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସବୁଠାରୁ ଭୟଙ୍କର ପରିଣତି । ୨୦୨୧ ମସିହାରେ ପ୍ରାୟ ୭୨୭,୦୦୦ ଲୋକ ଆତ୍ମହତ୍ୟା କରି ପ୍ରାଣ ହରାଇଥିଲେ, ଏବଂ ଏହା ଯୁବକମାନଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ପାଲଟିଛି । ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଆତ୍ମହତ୍ୟା ମୃତ୍ୟୁହାରକୁ ଏକ ତୃତୀୟାଂଶ କମାଇବାକୁ ଲକ୍ଷ୍ୟ ରଖିଥିବା ବେଳେ, ବର୍ତ୍ତମାନର ଗତିରେ ଏହା କେବଳ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ଏହା ଦର୍ଶାଉଛି ଯେ ଆମର ପ୍ରୟାସ କେତେ ଅପର୍ଯ୍ୟାପ୍ତ । ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ଲାଞ୍ଛନା (stigma) ଏବଂ ଭୁଲ ଧାରଣା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ଖୋଲାଖୋଲି ଭାବେ କହିବାକୁ କୁଣ୍ଠାବୋଧ କରନ୍ତି, କାରଣ ସେମାନଙ୍କୁ ପାଗଳ ବୋଲି କହିଦିଆଯିବାର ଭୟ ଥାଏ । ଏହି କାରଣରୁ ଅନେକ ଲୋକ ଠିକ୍ ସମୟରେ ସାହାଯ୍ୟ ନେଇପାରନ୍ତି ନାହିଁ ଏବଂ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିଚାଲେ ।

ତେବେ ଏହି ଅନ୍ଧକାର ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖାଯାଉଛି । କିଛି ଦେଶ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ସାମିଲ କରିବା ଆରମ୍ଭ କରିଛନ୍ତି । ସ୍କୁଲ ଏବଂ ସାମୁଦାୟିକ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଉଛି। ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ସହାୟତା ପ୍ରଦାନ କରୁଥିବା ଦେଶମାନଙ୍କ ସଂଖ୍ୟା ୨୦୨୦ରେ ୪୦ ପ୍ରତିଶତରୁ କମ୍ ଥିବାବେଳେ ଏବେ ତାହା ୮୦ ପ୍ରତିଶତରୁ ଅଧିକ ହୋଇଛି । ଟେଲି-ହେଲ୍ଥ ସେବାର ପ୍ରସାର ମଧ୍ୟ ଏକ ସକାରାତ୍ମକ ପଦକ୍ଷେପ, ଯଦିଓ ଏହାର ଉପଲବ୍ଧତା ସବୁଠାରେ ସମାନ ନୁହେଁ । କିନ୍ତୁ ଏହି ପଦକ୍ଷେପଗୁଡ଼ିକ ସମସ୍ୟାର ବିଶାଳତାକୁ ଦେଖିଲେ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ସରକାରମାନଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ବୃଦ୍ଧି କରିବାକୁ ପଡ଼ିବ। ଏହାକୁ କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ନ ଦେଖି ଏକ ମାନବିକ ଅଧିକାର ଭାବରେ ଗ୍ରହଣ କରିବାକୁ ହେବ । ସ୍ୱାସ୍ଥ୍ୟ ବଜେଟରେ ଏହାର ଅଂଶ ବଢ଼ାଇବା ସହିତ ଏକ ସୁଦୃଢ଼ ଆଇନଗତ ସୁରକ୍ଷା ବ୍ୟବସ୍ଥା ପ୍ରଣୟନ କରିବା ଜରୁରୀ । ମାନସିକ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାନସିକ ରୋଗୀଙ୍କୁ ପାଗଳଖାନାରେ ବନ୍ଦୀ କରି ରଖିବା ପରିବର୍ତ୍ତେ ସାମୁଦାୟିକ ସ୍ତରରେ, ବ୍ୟକ୍ତି-କୈନ୍ଦ୍ରିକ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବାକୁ ହେବ । ଏଥିସହିତ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ମନର ଅସୁସ୍ଥତା ମଧ୍ୟ ଶରୀରର ଅସୁସ୍ଥତା ଭଳି ଏକ ସାଧାରଣ କଥା ଏବଂ ଏହାର ଚିକିତ୍ସା ସମ୍ଭବ । ଯଦି ଆମେ ତୁରନ୍ତ ଏ ଦିଗରେ କାର୍ଯ୍ୟ ନ କରୁ, ତେବେ ଲକ୍ଷ ଲକ୍ଷ ଲୋକ ବିନା ସହାୟତାରେ କଷ୍ଟ ପାଉଥିବେ ଏବଂ ଆମ ସମାଜକୁ ଏହାର ଭାରୀ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ଦେବାକୁ ପଡ଼ିବ । ମାନସିକ ସ୍ୱାସ୍ଥ୍ୟରେ ନିବେଶ କରିବା କୌଣସି ବିକଳ୍ପ ନୁହେଁ, ବରଂ ଏହା ଲୋକ, ସମାଜ ଏବଂ ଅର୍ଥବ୍ୟବସ୍ଥାରେ କରାଯାଉଥିବା ଏକ ଜରୁରୀ ନିବେଶ, ଯାହାକୁ କୌଣସି ଦେଶ ଅବହେଳା କରିପାରିବ ନାହିଁ ।

# ସଂସ୍କୃତିର ବାହାକ ଛଟ୍ ପର୍ବ



## ଡକ୍ଟର ଲକ୍ଷ୍ମଣ ସାହୁ



ଆମଦେଶରେ ଛଟ୍ ପୂଜା ବଡ଼ ଧୁମ୍ ଧାମରେ ପାଳନ କରାଯାଏ । କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀରେ ଭଗବାନ୍ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିବା ପାଇଁ ପୂର୍ବ, ପୂର୍ବ ଉତ୍ତର ଭାରତୀୟ ନାରୀମାନେ ନଦୀତଟରେ ଏକତ୍ର ହୋଇ ଅର୍ଘ୍ୟଦାନ କରି ଏହି ପରମ୍ପରାକୁ ବଜାୟ ରଖନ୍ତି । ଭୟାଦୂଜ ପରେ ଏହି ଛଠ୍ ଆରମ୍ଭ ହୋଇ ଚାରିଦିନ ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନରେ ସୈନ୍ଧବ ଲବଣ ଓ ଘିଅରେ ତିଆରି ହୋଇଥିବା ଅରୁଆ ଅନ୍ନ ଓ କଖାରୁରେ ରୋଷେଇ ହୋଇଥିବା ତରକାରୀକୁ ପ୍ରସାଦ ରୂପେ ଭୋଗ କରାଯାଇଥାଏ । ଦିନସାରା ଉପବାସ ରହି ସନ୍ଧ୍ୟା ସମୟରେ ବ୍ରତୀ ମହିଳାମାନେ ପ୍ରସ୍ତୁତ କରିଥିବା ଖିରିକୁ ଗ୍ରହଣ କରିଥାନ୍ତି। ଚତୁର୍ଥ ଦିନରେ ବ୍ରତଧାରୀଙ୍କ ବ୍ରତ ସମ୍ପନ୍ନ ହେଲା ପରେ ପ୍ରସାଦକୁ ବଣ୍ଟନ କରି ଅନ୍ନ ଗ୍ରହଣ କରିଥାନ୍ତି । ଏହି ପର୍ବର ଉଦ୍ଦେଶ୍ୟ ହେଲା ସ୍ୱାମୀ, ସନ୍ତାନଙ୍କ ଦୀର୍ଘାୟୁ ଓ ପାରିବାରିକ ସୁଖ ଓ ସମୃଦ୍ଧି ପାଇଁ ପାଳନ କରାଯାଇଥାଏ ।

ଛଟ୍ କେବଳ ଏକ ରୀତି ନୁହେଁ, ବରଂ ଆତ୍ମ-ସଂଯମ, କୃତଜ୍ଞତା ଓ ଏକତାର ଏକ ଅଭ୍ୟାସ । ଏହି ପର୍ବ ଆମକୁ ଆମର ମାଟି, ଆମ ମାତା, ଆମ ପରିବାର ତଥା ଆମର ପ୍ରକୃତି ସହିତ ଯୋଡେ । ଯେପର୍ଯ୍ୟନ୍ତ ଏହି ପର୍ବ ବଞ୍ଚି ରହିବ, ସେପର୍ଯ୍ୟନ୍ତ ଭାରତୀୟ ସମାଜର ଆତ୍ମା ବଞ୍ଚି ରହିବ ।

ମହାଭାରତ ସମୟରେ ଏହି ଛଠ ପୂଜା ପାଳନ କରାଯାଇଥିଲା। ଏହି ପର୍ବର ଆରମ୍ଭ ପ୍ରଥମେ ଅଙ୍ଗ ଦେଶର ରାଜା ତଥା ଆଧୁନିକ ଭାଗଲପୁରର ରାଜା କର୍ଣ୍ଣ କରିଥିଲେ। ସେ ପ୍ରତିଦିନ ପାଣିରେ ଗୋଟିଏ ଘଣ୍ଟା ଧରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଥିଲେ । ସୂର୍ଯ୍ୟଙ୍କ କୃପାରୁ ସେ ଜଣେ ମହାନ୍ ଯୋଦ୍ଧା ହୋଇଥିଲେ । ଦ୍ରୌପଦୀ ମଧ୍ୟ ପରିଜନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରି ସୂର୍ଯ୍ୟଙ୍କୁ ପୂଜା କରିବା କଥା ମଧ୍ୟ ଉଲ୍ଲେଖ ରହିଛି । ଲଙ୍କା ବିଜୟ ପରେ ରାମରାଜ୍ୟ ସ୍ଥାପନା ଦିନ କାର୍ତ୍ତିକ ଶୁକ୍ଳ ପକ୍ଷ ଷଷ୍ଠୀରେ ଭଗବାନ୍ ରାମ ଓ ସୀତା ମଧ୍ୟ ଛଠ ପୂଜା କରିଥିଲେ ।

ଛଟ ପର୍ବର ପରମ୍ପରାର ବୈଜ୍ଞାନିକ ଓ ଜ୍ୟୋତିଷଶାସ୍ତ୍ରୀୟ ମହତ୍ତ୍ୱ ମଧ୍ୟ ରହିଛି । କୁହାଯାଏ ଷଷ୍ଠୀ ତିଥି ଏକ ବିଶେଷ ଜ୍ୟୋତିର୍ବିଜ୍ଞାନ ପର୍ବ । ଯେଉଁ ସମୟରେ ସୂର୍ଯ୍ୟ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି ଓ ଦକ୍ଷିଣାୟନ ସୂର୍ଯ୍ୟଙ୍କ ଅଲ୍ଟ୍ରାଭାୟୋଲେଟ୍ କିରଣ ସାଧାରଣ ଅପେକ୍ଷା ଅଧିକ ପରିମାଣରେ ପୃଥିବୀ ଉପରେ ଏକତ୍ରିତ ହୁଏ । ଏହି ଦୂଷିତ କିରଣ ସାଧାରଣ ଲୋକଙ୍କ ଆଖି, ପେଟ, ଚର୍ମ ଇତ୍ୟାଦି ଉପରେ ସିଧାସଳଖ ପ୍ରଭାବ ପକାଏ । ଏହି ପର୍ବ ପାଳନ କରି ସାଧାରଣ ଲୋକମାନେ ସୂର୍ଯ୍ୟକିରଣର ଏହି ଅଲ୍ଟ୍ରାଭାୟୋଲେଟ୍ କିରଣ ଦ୍ୱାରା କ୍ଷତିଗ୍ରସ୍ତ ହେବା ଉଚିତ୍ ନୁହେଁ । ସୂର୍ଯ୍ୟ ପୂଜାର ଗଭୀର ରହସ୍ୟ ଏହି ଉଦ୍ଦେଶ୍ୟରେ ଲୁକ୍କାୟିତ । ଏହି ଉପବାସର ମୁଖ୍ୟ ଉଦ୍ଦେଶ୍ୟ ସ୍ୱାମୀ, ସ୍ତ୍ରୀ, ପୁଅ, ନାତି ସମେତ ପରିବାରର ସମସ୍ତ ସଦସ୍ୟଙ୍କ ମଙ୍ଗଳ କାମନା କରିବା ସହିତ ମଧ୍ୟ ଜଡିତ ।

ଲୋକ ପରମ୍ପରା ଅନୁଯାୟୀ, ସୂର୍ଯ୍ୟ ଦେବତା ଛଟି ମୈୟାଙ୍କ ମଧ୍ୟରେ ଭାଇ-ଭଉଣୀ ସମ୍ପର୍କ ରହିଛି । ତେଣୁ ଛଟ ଅବସରରେ ସୂର୍ଯ୍ୟଙ୍କୁ ପୂଜା କରିବା ଫଳପ୍ରଦ ବୋଲି ବିବେଚନା କରାଯାଏ । କାର୍ତ୍ତିକ ଶୁକ୍ଳ ପକ୍ଷର ଷଷ୍ଠୀରେ ଛଟ ପୂଜା ପାଳନ କରାଯାଏ । ଯଦି ଆମେ ଛଟ ସହିତ ଜଡିତ ପୌରାଣିକ ବିଶ୍ୱାସ ଓ ଲୋକକଥା ଦେଖିବା, ତେବେ ଆମେ ଜାଣିପାରିବା ଯେ ଏହା ଭାରତର ପ୍ରାଚୀନ ସୂର୍ଯ୍ୟବଂଶୀ ରାଜାମାନଙ୍କର ମୁଖ୍ୟ ପର୍ବ ଥିଲା। ସ୍କନ୍ଦ ପୂଜାର ପରମ୍ପରା ମଧ୍ୟ ଛଟ ସହିତ ଜଡିତ। ଭଗବାନ ଶିବଙ୍କ ତେଜରୁ ଜନ୍ମିତ ଶିଶୁ ସ୍କନ୍ଦଙ୍କୁ ଛଅଟି କୃତ୍ତିକ ସ୍ତନ୍ୟପାନ କରାଇ ସୁରକ୍ଷା ଦେଇଥିଲେ । ଏହି କାରଣରୁ ସ୍କନ୍ଦଙ୍କର ଛଅଟି ମୁଖ ଥିଲା ଓ ସେ କାର୍ତ୍ତିକେୟ ନାମରେ ପରିଚିତ ହୋଇଥିଲେ । କାର୍ତ୍ତିକଙ୍କ ସହିତ ସମ୍ପର୍କ ଯୋଗୁଁ, ଷଷ୍ଠୀ ଦେବୀଙ୍କୁ ସ୍କନ୍ଦଙ୍କ ପତ୍ନୀ ଦେବସେନା ଭାବରେ ମଧ୍ୟ ପୂଜା କରାଯାଇଥିଲା ।

ଏକ ପେପୌରାଣିକ ବିଶ୍ୱାସ ଅନୁଯାୟୀ, ମହାଭାରତ ଯୁଗରେ ସୂର୍ଯ୍ୟପୁତ୍ର କର୍ଣ୍ଣ ସୂର୍ଯ୍ୟଙ୍କୁ ପୂଜା କରି ପ୍ରଥମେ ଛଟ ପର୍ବ ଆରମ୍ଭ କରିଥିଲେ । କର୍ଣ୍ଣ ଭଗବାନ ସୂର୍ଯ୍ୟଙ୍କର ଜଣେ ମହାନ ଭକ୍ତ ଥିଲେ ଓ ସେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ପାଣିରେ ଅଣ୍ଟା ଗଭୀରରେ ଠିଆ ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଥିଲେ । ସୂର୍ଯ୍ୟଙ୍କ କୃପାରୁ ହିଁ ସେ ଜଣେ ମହାନ ଯୋଦ୍ଧା ହୋଇଗଲେ । ଆଜି ମଧ୍ୟ ଛଟ ସମୟରେ ଅର୍ଘ୍ୟ ଅର୍ପଣ କରିବାର ଏହି ପରମ୍ପରା ପ୍ରଚଳିତ । ଛଟ ପର୍ବ ବିଷୟରେ ଆଉ ଏକ କାହାଣୀ ଅଛି । ଏହି କାହାଣୀ ଅନୁସାରେ, ଯେତେବେଳେ ପାଣ୍ଡବମାନେ ଜୁଆ ଖେଳରେ ସେମାନଙ୍କର ସମସ୍ତ ରାଜ୍ୟ ହରାଇଥିଲେ, ଦ୍ରୌପଦୀ ଛଟ ଉପବାସ ପାଳନ କରିଥିଲେ । ଏହି ଉପବାସ ସହିତ, ତାଙ୍କର ଇଚ୍ଛା ପୂରଣ ହୋଇଥିଲା ଓ ପାଣ୍ଡବମାନେ ସେମାନଙ୍କର ରାଜ୍ୟ ଫେରି ପାଇଥିଲେ । ଛଟ୍ ମହାନ ପର୍ବ ହେଉଛି ହିନ୍ଦୁ ଧର୍ମରେ ଏକମାତ୍ର ପର୍ବ ଯାହା କେବଳ ଉଦୀୟମାନ ସୂର୍ଯ୍ୟଙ୍କୁ ନୁହେଁ ବରଂ ଅସ୍ତଗାମୀ ସୂର୍ଯ୍ୟଙ୍କୁ ମଧ୍ୟ ପୂଜା କରେ। ବିଶ୍ୱାସ କରାଯାଏ ଯେ ଦେବୀ ଛଟ ହେଉଛନ୍ତି ସୂର୍ଯ୍ୟ ଦେବଙ୍କ ଭଉଣୀ, ଓ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୂର୍ଯ୍ୟଙ୍କୁ ପୂଜା କରାଯାଏ । ଏହି ପର୍ବ ଆରମ୍ଭ ହୁଏ, ଯେତେବେଳେ ଭକ୍ତମାନେ ସ୍ନାନ କରି ଅରୁଆ ଚାଉଳ, ଚଣା ଡାଲି ଓ କଖାରୁ ତରକାରୀ ଖାଇଥାନ୍ତି । ନହୟ-ଖୟ ଦ୍ୱିତୀୟ ଦିନ, ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ପକ୍ଷ ପଞ୍ଚମୀରେ, ଭକ୍ତମାନେ ଦିନସାରା ଉପବାସ ରଖନ୍ତି ଓ ସନ୍ଧ୍ୟାରେ ସେମାନେ ଗୁଡ଼ରୁ ତିଆରି ରୋଟି ଓ ଖୀର ଖାଇଥାନ୍ତି। ଏହି ବ୍ରତକୁ ଖରଣା କୁହାଯାଏ। ପରଦିନ, କାର୍ତ୍ତିକ ଶୁକ୍ଳ ପକ୍ଷର ଷଷ୍ଠ ଦିନ, ଭକ୍ତମାନେ ଉପବାସ ପାଳନ କରନ୍ତି। ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରନ୍ତି । ସପ୍ତମ ଦିନ ସକାଳେ ଉଦୀୟମାନ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରି ଉପବାସ ଭଙ୍ଗ କରାଯାଏ । ଯେଉଁମାନେ ଛଟ ପୂଜା ଉପବାସ କରନ୍ତି ସେମାନେ ଏହି ଦିନଗୁଡ଼ିକରେ ସମାନ ଜଳରୁ ବିରତ ରୁହନ୍ତି । ଏହି ପୂଜା ସମୟରେ ମୁଖ୍ୟତଃ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଏ, ତାଙ୍କ ଭଉଣୀ ଛଟ ଦେବୀଙ୍କୁ ମଧ୍ୟ ପୂଜା କରାଯାଏ। ଏହି ଦିନ ପୁରୁଷ ଓ ମହିଳା ନଦୀ କୂଳରେ ପୂଜା କରିବା ପାଇଁ ଏକାଠି ହୁଅନ୍ତି। ଛଟ ମାତାଙ୍କ ପୂଜା ଆପଣଙ୍କ ପିଲାମାନଙ୍କ ପାଇଁ ମଧ୍ୟ ଲାଭଦାୟକ ବୋଲି ବିଶ୍ୱାସ କରାଯାଏ। ଛଟ ଅତ୍ୟନ୍ତ ଜରୁରୀ କାରଣ ଏହା ଆମକୁ ମନେ ପକାଇ ଦିଏ ଯେ ଆମେ କେଉଁଠାରୁ ଆସିଛୁ ଓ ଆମର ସଭ୍ୟତା କେଉଁ ମୂଲ୍ୟବୋଧ ଉପରେ ନିର୍ଭର କରେ । ଆଜିର ସମୟରେ ଯେତେବେଳେ ଗାଁରୁ ସହରକୁ ସ୍ଥାନାନ୍ତର ସାଧାରଣ ହୋଇଗଲାଣି, ଲୋକମାନେ ନିଜ ଜନ୍ମଭୂମିରୁ ଦୂରେଇ ଯାଇ ମହାନଗରର ଗହଳି ଭିତରେ ଅନ୍ତର୍ହିତ ହୋଇଗଲେଣି, ଛତ ସେହି ଅବସର ହୁଏ, ଯେତେବେଳେ ଘରକୁ ଫେରିବାର ପରମ୍ପରା ପୁନର୍ଜୀବିତ ହୁଏ । ବର୍ଷସାରା କାମରେ ବ୍ୟସ୍ତ ପୁଅମାନେ ଏହି ପର୍ବ ପାଇଁ ଘରକୁ ଫେରନ୍ତି । ମାସ ମାସ ଧରି ଆକାଶକୁ ଚାହିଁ ନିଜ ପିଲାମାନଙ୍କୁ ଅପେକ୍ଷା କରୁଥିବା ମାଆମାନେ ଏହି ଅବସରରେ ସେମାନଙ୍କୁ ନିଜ ସମ୍ମୁଖରେ ଦେଖି କାନ୍ଦି ପକାଇଥାନ୍ତି । ଆର୍ଥିକ ପ୍ରତିବନ୍ଧକ ଓ ଦୂରତା ଦ୍ୱାରା ଖଣ୍ଡିତ ପରିବାରଗୁଡ଼ିକ ଛଟରେ ପୁନଃମିଳନ ହୁଅନ୍ତି - ଏହା ହେଉଛି ଏହି ପର୍ବର ପ୍ରକୃତ ଶକ୍ତି ।

ଛଟ କେବଳ ସୂର୍ଯ୍ୟଙ୍କ ପୂଜା ନୁହେଁ, ବରଂ ପରିବାର, ସମାଜ ଓ ପ୍ରକୃତିର ମିଳିତ ପୂଜା । ଏହା ଆମକୁ ମନେ ପକାଇ ଦିଏ ଯେ କୌଣସି ଗଛ ମୂଳରୁ କାଟି ଦିଆଗଲେ ଫଳ ଦେଇପାରିବ ନାହିଁ । ଏହି ପର୍ବ ଏକ ସମାଜ ପାଇଁ ଏକ ସୁଯୋଗ ଯାହା ପ୍ରଯୁକ୍ତିବିଦ୍ୟା ପ୍ରଗତି ପଛରେ ପ୍ରକୃତିଠାରୁ ଦୂରେଇ ଯାଇଛି । ଛଟ ସମୟରେ, ନଦୀ, ପୋଖରୀ ଓ ହ୍ରଦ ସବୁ ଜୀବନ୍ତ ହୋଇଯାଏ । ସହରଗୁଡ଼ିକରେ, ଲୋକମାନେ ପ୍ରକୃତି ସହିତ ଯୋଡ଼ି ହେବାକୁ ଚେଷ୍ଟା କରନ୍ତି, ଯଦିଓ କେବଳ କୃତ୍ରିମ ପୋଖରୀ ସୃଷ୍ଟି କରି। ଏହି ପ୍ରୟାସ ଦର୍ଶାଏ ଯେ ମାନବଜାତି ଯେତେ ଆଗକୁ ବଢ଼ିଲେ ମଧ୍ୟ, ଏହାର ଆତ୍ମା ପୃଥିବୀ ଓ ଜଳ ସହିତ ଯୋଡ଼ି ହୋଇ ରହିଥାଏ।

ଏହି ପରମ୍ପରା ପୁରୁଷପ୍ରଧାନ ମାନସିକତାକୁ ଚ୍ୟାଲେଞ୍ଜ କରେ ଯାହା ବିଶ୍ୱାସ କରେ ଯେ ଧର୍ମ ପରିଚାଳନା କେବଳ ପୁରୁଷଙ୍କ ପାଇଁ । ଛଟ କୁହନ୍ତି, 'ବିଶ୍ୱାସରେ କୌଣସି ଲିଙ୍ଗ ନାହିଁ, ବିଶ୍ୱାସରେ ସମାନତା ଅଛି ।' ଏହା ସେହି ପର୍ବ ଯାହା ଅସ୍ତଗାମୀ ସୂର୍ଯ୍ୟଙ୍କୁ ମଧ୍ୟ ପ୍ରଣାମ କରେ, ଯାହା ନମ୍ରତା ଓ ସନ୍ତୁଳନର ଏକ ଅଦ୍ଭୁତ ପ୍ରତୀକ ।ଛଟ ଅତ୍ୟନ୍ତ ଜରୁରୀ କାରଣ ଏହା ଲୋକ ପରମ୍ପରା ସହିତ ଜଡିତ ହଜାର ହଜାର ହାତଙ୍କ କଠିନ ପରିଶ୍ରମକୁ ଜୀବିତ ରଖେ। ଗ୍ରାମୀଣ ମହିଳାମାନେ ମାସ ମାସ ପୂର୍ବରୁ ମାଟି ଦୀପ, ବାଉଁଶ ଟୋକେଇ ଓ ପୂଜା ସାମଗ୍ରୀ ପ୍ରସ୍ତୁତ କରନ୍ତି । ଏହି ପର୍ବ କେବଳ ଭକ୍ତିର ପ୍ରକାଶ ନୁହେଁ, ବରଂ ନିଯୁକ୍ତି ଓ ସମ୍ମାନର ଏକ ମାଧ୍ୟମ ମଧ୍ୟ । କଳସୀ, ଲେମ୍ବୁ, ଆଖୁ ଓ ନଡ଼ିଆ ପ୍ରସାଦ କେବଳ ସ୍ୱାଦର ଏକ ଅଂଶ ନୁହେଁ, ବରଂ ସମଗ୍ର ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ଚାଳିତ କରେ । ସହରଗୁଡ଼ିକରେ ପ୍ୟାକେଜ୍ ହୋଇଥିବା ପୂଜା ସାମଗ୍ରୀ ବିକ୍ରି ହେଉଥିଲେ ମଧ୍ୟ, ଛଟ ସମୟରେ ଗ୍ରାମୀଣ ପରଂପରାର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଥାଏ କାରଣ ଲୋକମାନେ ଜାଣିପାରନ୍ତି ଯେ ଏଗୁଡ଼ିକ କେବଳ ସାମଗ୍ରୀ ନୁହେଁ ବରଂ ପରମ୍ପରାର ଆତ୍ମା । ତେଣୁ ଛଟ ପର୍ବ କେବଳ ସଂସ୍କୃତିର ଉତ୍ସବ ନୁହେଁ ବରଂ ଆର୍ଥିକ ପୁନଃର୍ଜାଗରଣର ମଧ୍ୟ, ଯେଉଁଠାରେ କାରିଗର, କୃଷକ ଓ ମହିଳାମାନେ ସମାନ ସ୍ଥାନ ପାଆନ୍ତି । ଜଳାଶୟ କୂଳରେ କରାଯାଉଥିବା ଛଟ ପୂଜା କେବଳ ଏକ ରୀତି ନୁହେଁ ବରଂ ଏକ ସାଂସ୍କୃତିକ ପୁନଃପ୍ରତିଷ୍ଠା । ଏହା ଦର୍ଶାଏ ଯେ ଭାରତୀୟ ସଂସ୍କୃତିର ପ୍ରବାହ ଭୌଗୋଳିକ ସୀମା ଅତିକ୍ରମ କରେ ।

ଏହି ଛଟ ପର୍ବ ଲକ୍ଷ ଲକ୍ଷ ଭାରତୀୟ ପ୍ରବାସୀ ପାଇଁ ଅତ୍ୟାବଶ୍ୟକ, ଯେଉଁମାନେ ନିଜ ଜନ୍ମଭୂମିରୁ ଦୂରରେ ରହୁଥିବା ସତ୍ତ୍ୱେ, ଏହି ପର୍ବ ମାଧ୍ୟମରେ ନିଜ ଜନ୍ମଭୂମି ସହିତ ଜଡିତ ଅନୁଭବ କରନ୍ତି । ଦୁବାଇ, ଲଣ୍ଡନ, ନ୍ୟୁୟର୍କ କିମ୍ବା ମରିସସରେ, ଯେତେବେଳେ ଏକ ପ୍ରତୀକାତ୍ମକ ଗଙ୍ଗା ପୂଜା କରାଯାଏ । ଭାରତ ବ୍ୟତୀତ ମରିମସ୍, ତ୍ରିନିଦାଦ, ସୁମାତ୍ରା, ଜାଭା ସମେତ ଅନ୍ୟ ଦ୍ୱୀପମାନଙ୍କରେ ମଧ୍ୟ ଏହି ପର୍ବ ପାଳନ କରାଯାଏ । ଭାରତରେ ବିହାର, ଝାଡ଼ଖଣ୍ଡ, ଓଡିଶା ଓ ପୂର୍ବ ଉତ୍ତରପ୍ରଦେଶର କିଛି ଅଞ୍ଚଳରେ ଛଟ ପର୍ବ ପାଳନ କରାଯାଏ । ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଛଟ ଦିନ ସୂର୍ଯ୍ୟଙ୍କ ପୂଜାରେ ଛଟି ମା' ଖୁସି ରହିଥାନ୍ତି । ଛଟର ପ୍ରଥମ ଦିନକୁ 'ନାହାୟ ଖାୟ' ଭାବରେ ପାଳନ କରାଯାଏ ଯେଉଁଥିରେ ଘର ସଫା କରିବା, ତା'ପରେ ଗାଧୋଇବା ଓ ଶାକାହାରୀ ଖାଦ୍ୟ ସହିତ ଉପବାସ ଆରମ୍ଭ କରାଯାଏ । ଦ୍ୱିତୀୟ ଦିନରେ ଭକ୍ତମାନେ ଦିନସାରା ଉପବାସ କରିବା ପରେ ସନ୍ଧ୍ୟାରେ ଖାଦ୍ୟ ଖାଇଥାନ୍ତି ଯାହାକୁ ଖରନା କୁହାଯାଏ । ଛଟ ହେଉଛି ପ୍ରବାସୀମାନଙ୍କ ପାଇଁ ଏକ ଭାବପ୍ରବଣ ସେତୁ । ଯେଉଁମାନେ ବିଦେଶରେ ରହି ମଧ୍ୟ ନିଜ ଜନ୍ମଭୂମି ସହିତ ସଂଯୋଗ ପାଇଁ ଆଗ୍ରହୀ । ଏହି ପର୍ବ ପରିବାର, ପଡ଼ୋଶୀ ଓ ସମ୍ପ୍ରଦାୟକୁ ଏକତ୍ରିତ କରେ । ଅନ୍ୟ ପର୍ବଗୁଡ଼ିକ ମହିମା ପ୍ରଦର୍ଶନ କରୁଥିବା ବେଳେ, ଛଟ ସଂଯମ, ସରଳତା ଓ ଏକତାକୁ ପ୍ରତିଫଳିତ କରେ । ଉଚ୍ଚ ଓ ନୀଚ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କୌଣସି ଜାତି ନାହିଁ, କେବଳ ଏକ ସାମୂହିକ ଭାବନା: ସୂର୍ଯ୍ୟ ଦେବତା ସମସ୍ତଙ୍କର । ଏବେ ଯେତେବେଳେ ପର୍ବଗୁଡ଼ିକ କେବଳ ଫଟୋ ଓ ସୋସିଆଲ ମିଡିଆ ପୋଷ୍ଟ ହୋଇଯାଉଛନ୍ତି, ସେତେବେଳେ ଛଟ ଅଭିଜ୍ଞତାର ପର୍ବ ହୋଇ ରହିଛି । ଏହା ଆମକୁ ଶିକ୍ଷା ଦିଏ ଯେ ପରମ୍ପରାର ଅର୍ଥ ଜଡ଼ତା ନୁହେଁ, ବରଂ ନିରନ୍ତରତା । ପ୍ରତିବର୍ଷ, ଏହି ପର୍ବ ଆମକୁ ମନେ ପକାଇ ଦିଏ ଯେ ଆଧୁନିକତା ଓ ଆଧ୍ୟାତ୍ମିକତା ପରସ୍ପର ବିପରୀତ ନୁହେଁ, ବରଂ ପରିପୂରକ । ସ୍ମାର୍ଟଫୋନ୍, ଏଲିଡି ଲାଇଟ୍ ଓ ଡ୍ରୋନ୍ କ୍ୟାମେରା ମଧ୍ୟରେ ମଧ୍ୟ ଯେତେବେଳେ ଜଣେ ମହିଳା ଓଦା କେଶରେ ଉପବାସ ପାଳନ କରନ୍ତି । ଏହା ଦର୍ଶାଏ ଯେ ସଂସ୍କୃତି ଜୀବନ୍ତ ଅଛି, କେବଳ ଏହାର ରୂପ ପରିବର୍ତ୍ତନ ହୋଇଛି ।

ଛଟ ହେଉଛି ପ୍ରମାଣ ଯେ ଆମ ସଭ୍ୟତାର ମୂଳଦୁଆ କୌଣସି ପୁସ୍ତକ କିମ୍ବା ଆଦେଶ ଉପରେ ନୁହେଁ, ବରଂ ଅଭିଜ୍ଞତା ଓ ଜୀବନ ଶକ୍ତି ଉପରେ ନିର୍ମିତ । ଏହି ପର୍ବ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ବର୍ଗର ନୁହେଁ, ବରଂ ଏହା ଲୋକଙ୍କ ସଂସ୍କୃତିର ଏକ ଉତ୍ସବ ଯାହା କୁହେ, 'ଯେଉଁଠାରେ ସୂର୍ଯ୍ୟ ଅଛି, ସେଠାରେ ଜୀବନ ଅଛି ।' ଛଟ କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ସାମାଜିକ ଶୃଙ୍ଖଳାର ଏକ ଶିକ୍ଷା । ଏହା ଶିକ୍ଷା ଦିଏ ଯେ ସମାଜ ସମର୍ପଣ ଓ ସଂଯମତା ମାଧ୍ୟମରେ ସ୍ଥାୟୀ ହୁଏ । ଯେତେବେଳେ ପରିବାର, ପଡ଼ୋଶୀ ଓ ସମ୍ପ୍ରଦାୟ ଘାଟରେ ଏକାଠି ହୁଅନ୍ତି, ସେତେବେଳେ ଏକ ସାମୂହିକ ଚେତନା ଜନ୍ମ ହୁଏ , ଯାହା ଘୋଷଣା କରେ ଯେ ଆମେ ଏକ।

ଆଜିର ସମୟରେ, ଯେତେବେଳେ ବିଭାଜନ, ବିଚ୍ଛେଦ ଓ ଅସମାନତାର ରେଖା ଗଭୀର ହେଉଛି, ଛଟ ଭଳି ଏକ ପର୍ବ ଆମକୁ ଏକତ୍ର ବାନ୍ଧିଥାଏ । ଏହା କୌଣସି ଧର୍ମର ସମର୍ଥନରେ ନୁହେଁ କିମ୍ବା କୌଣସି ବିରୁଦ୍ଧରେ ନୁହେଁ; ଏହା ପ୍ରକୃତ ମାନବ ଧର୍ମର ଏକ ପର୍ବ ଯାହା କୁହେ, 'ସୂର୍ଯ୍ୟ ସମସ୍ତଙ୍କର, ଜଳ ସମସ୍ତଙ୍କର, ଜୀବନ ସମସ୍ତଙ୍କର ।' ଛଟ କେବଳ ଏକ ପୂଜା ନୁହେଁ, ବରଂ ଆତ୍ମ-ନିୟନ୍ତ୍ରଣ, କୃତଜ୍ଞତା ଓ ଏକତାର ଅଭ୍ୟାସ । ଏହି ପର୍ବ ଆମକୁ ଆମର ମାଟି, ଆମର ମାତା, ଆମର ପରିବାର ଓ ଆମର ପ୍ରକୃତି ସହିତ ସଂଯୋଗ କରେ । ଯେପର୍ଯ୍ୟନ୍ତ ଏହି ପର୍ବ ଜୀବିତ ଅଛି, ସେପର୍ଯ୍ୟନ୍ତ ଭାରତୀୟ ସମାଜର ଆତ୍ମା ଜୀବିତ ଅଛି...!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ : ୯୦୪୦୧୫୧୪ ୭୫

# ଭାରତରେ ସାକ୍ଷରତା ଅଭିବୃଦ୍ଧି



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ସାକ୍ଷରତା ହାର ନେଇ ନିକଟରେ ପିରିଅଡିକ୍ ଲେବର ଫୋର୍ସ ସର୍ଭେ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଭାରତ ପରି ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ପାଇଁ କେବଳ ଏକ ଭଲ ଖବର ନୁହେଁ, ସନ୍ତୋଷଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଜାତୀୟ ସ୍ତରରେ ସ୍ୱାକ୍ଷରତା ହାର ୮୦.୯ ପ୍ରତିଶତକୁ ବୃଦ୍ଧି ପାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୭ବର୍ଷ ବୟସ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସାକ୍ଷରତା ହାର ୮୦.୯ ପ୍ରତିଶତ ହୋଇଥିବାବେଳେ ୫ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱଙ୍କ ସାକ୍ଷରତା ହାର ୭୯.୭ ପ୍ରତିଶତରେ ପହଁଚିଛି। ତେବେ ସାକ୍ଷରତା ହାରରେ ପାହାଡିଆ ରାଜ୍ୟ ମିଜୋରାମ ତାଲିକାର ପ୍ରଥମ ସ୍ଥାନରେ ଥିବାବେଳେ ଗୋଆ ଦ୍ୱିତୀୟ ଏବଂ କେରଳ ତୃତୀୟ ସ୍ଥାନରେ ରହିଛି। ତେବେ ନିଉ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମରେ ମିଜୋରାମ ସମେତ ପାଂଚଟି ରାଜ୍ୟ ଉଲ୍ଲେଖନୀୟ ସଫଳତା ତଥା ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ହାସଲ କରିଛି। ଗୋଆରେ ସାକ୍ଷର ହାର ୯୭ ପ୍ରତିଶତ ଥିବାବେଳେ ଏହା ପଛକୁ କେରଳ, ତ୍ରିପୁରା, ଲାକ୍ଷାଦୀପ ରହିଛି। ତେବେ ଫଣ୍ଡାମେଂଟାଲ ଲିଟେରାସି ଆଣ୍ଡ ନ୍ୟୁମେରାସି ଆସେସ୍‌ମେଂଟ ଟେଷ୍ଟ (ଏଫଏଲଏନଟି)ରେ ତାମିଲନାଡୁର ସଫଳତା ହାର ଶତ ପ୍ରତିଶତ ହୋଇଥିବାଲେ ଏହା ପଛୁକୁ ତ୍ରିପରା ରହିଛି। ସେହିପରି ଉଭୟ ଲିଟେରସି ଏବଂ ଫଙ୍କସନାଲ(କାର୍ଯ୍ୟାତ୍ମକ) ଶିକ୍ଷାରେ ଦେଶରେ ତ୍ରିପୁରା ପ୍ରଥମ ସ୍ଥାନରେ ରହିଛି। ଯାହାକି ଦୃଢ ନୀତି ଏବଂ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇପାରିଛି। କେବଳ ଏତିକି ନୁହେଁ, ଏହି ସଫଳତା ଜନସାଧାରଣଙ୍କୁ ସଶକ୍ତକରଣରେ ପୂର୍ଣ୍ଣ ସହାୟକ ହୋଇଛି ବୋଲି ସ୍ୱୀକାର କରିବାକୁ ହେବ। ସେହିପରି ଏଫଏଲଏନଟିଏ ଫଳାଫଳ ଅନୁଯାୟୀ ଦେଶର ସର୍ବବୃହତ ରାଜ୍ୟ ଉତରପ୍ରଦେଶ ସମେତ ଉତରାଖଣ୍ଡ, ଗୁଜରାଟ, ହିମାଚଳ ପ୍ରଦେଶର ସଫଳତା ହାର ୮୫ ପ୍ରତିଶତ ରହିଥିବା ସତ୍ତ୍ୱେ କମ୍ ରହିଛି। ଉଲ୍ଲେଖଯୋଗ୍ୟ ଯେ, ହିମାଚଳ ପ୍ରଦେଶ ଖୁବ ସ୍ୱଳ୍ପ ସମୟ ମଧ୍ୟରେ ଉଚ୍ଚ ସାକ୍ଷରତା ହାର ହାସଲ କରିବାରେ ସମର୍ଥ ହୋଇଥିବା ସତ୍ତ୍ୱେ ଫଣ୍ଡାମେଂଟାଲ ନଲେଜରେ ସନ୍ତୋଷଜନକ ସ୍ତରରେ ପହଁଚିପାରି ନାହିଁ। ଏହା ନିସନ୍ଦେହ ଯେ, ୧୪୪କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶରେ ୮୦.୯ ପ୍ରତିଶତ ସାକ୍ଷରତା ହାରର ଅର୍ଥ ହେଉଛି, ପୂର୍ଣ୍ଣ ସାକ୍ଷରତା ହାର ପାଇଁ ପଥ ବହୁ ଦୂର ରହିଛି। ଏହା ବ୍ୟତୀତ ସାମାଜିକ, ଅର୍ଥନୈତିକ, ଲିଙ୍ଗଗତ ଏବଂ ଆଂଚଳିକ ବିଭିନ୍ନତା ମଧ୍ୟରେ ସଫଳତା ହାରରେ ପ୍ରଭେଦ ସୂଚନା ଦିଏ। ପିରିଅଡିକ୍ ଲେନର ଫୋର୍ସ ସର୍ଭେ(ପିଏଲଏଫଏସ)ର ତଥ୍ୟ ଦର୍ଶାଉଛି ଯେ, ବିହାର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ପରି ରାଜ୍ୟ ଉଭୟ ସାକ୍ଷରତା ଓ ଲିଙ୍ଗଗତ ସାକ୍ଷରତା ହାର ଅତ୍ୟନ୍ତ ଖରାପ ଥିବାବେଳେ ଉଭୟ ମଧ୍ୟରେ ଫରକ ଯଥାକ୍ରମେ ୧୬ପ୍ରତିଶତ ଓ ୨୦ପ୍ରତିଶତ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜାତୀୟ ସ୍ତରରେ ପୁରୁଷ ସାକ୍ଷରତା ହାର ୮୭.୨ ପ୍ରତିଶତ ରହିଥିବାବେଳେ ମହିଳା ସାକ୍ଷରତ ହାର ୭୪.୬ ପ୍ରତିଶତ ରହିଛି। ଯାହାକି ଦେଶବ୍ୟାପୀ ଏକ ବଡ ବିଫଳତା ବୋଲି କୁହାଯାଇପାରେ। ତେବେ ବାଳିକା ମାନେ ସ୍କୁଲରେ ଉତମ ପ୍ରଦର୍ଶନ କରିଥିବା ସତ୍ତ୍ୱେ ଏବେ ବି ବହୁ ସଂଖ୍ୟାକ ବାଳିକା ସ୍କୁଲ ଯାଉନାହାଁନ୍ତି କିମ୍ବା ସେମାନଙ୍କୁ ଘରେ ଶିକ୍ଷା ଦିଆଯାଉନାହିଁ। ସେମାନେ ଲିଙ୍ଗଗତ ବିଭେଦର ଶୀକାର ହୋଇଥିବା ସ୍ୱୀକାର କରିବାକୁ ହେବ। ତେବେ ଗ୍ରାମାଚଂଳରେ ଏହି ପ୍ରଭେଦ ଅଧିକ ରହିଛି। ଉଦାହରଣ ସ୍ୱରୁପ ରାଜସ୍ଥାନରେ ପୁରୁଷ ସାକ୍ଷରତା ହାର ୮୩.୬ ପ୍ରତିଶତ ଥିବାବେଳେ ମହିଳା ସାକ୍ଷରତା ହାର ମାତ୍ର ୬୧.୮ ପ୍ରତିଶତ ରହିଛି। ଏହା ନିସନ୍ଦେହ ଯେ, ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସାକ୍ଷରତା ହାରରେ ଏଭଳି ବ୍ୟବଧାନ ନିଶ୍ଚିତ ଭାବେ ସାମାଜିକ କୁସଂସ୍କାର ତଥା ଅନ୍ଧବିଶ୍ୱାସର ପ୍ରଭାବ ବୋଲି କୁହାଯାଇପାରେ। ଏହାର ନିରାକରଣ ପାଇଁ ଉଚ୍ଚ ବିକାଶ ଏବଂ ମହିଳା ସଶକ୍ତିକରଣର ଆବଶ୍ୟକତା ରହିଛି। ସେହିପରି ଉତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶ ପରି ରାଜ୍ୟରେ ମଧ୍ୟ ସହରାଚଂଳ ଓ ଗ୍ରାମାଚଂଳ ସାକ୍ଷରତା ହାରରେ ବ୍ୟାପକ ପ୍ରଭେଦ ଥିବା କୁହାଯାଏ। ସେହିପରି ସ୍ୱାକ୍ଷରତାରେ ସର୍ବୋତମ ସଫଳତା ହାସଲ କରିଥିବା ରାଜ୍ୟଗୁଡିକରେ ସହରାଚଂଳ ଗ୍ରାମାଚଂଳ ହାରରେ ନଗଣ୍ୟ ବ୍ୟବଧାନ ଥିବା ସତ୍ତ୍ୱେ ଏହାର ନିରାକରଣରେ ସଫଳ ହୋଇପାରିନାହାଁନ୍ତି। ତ୍ରିପୁରରେ ସ୍ୱାକ୍ଷରତା ହାରରେ ଲିଙ୍ଗଗତ ବ୍ୟବଧାନ ମାତ୍ର ୪ପ୍ରତିଶତ। ଏହା ସ୍ପଷ୍ଟ ଯେ, ସ୍କୁଲ ହେଉ କିମ୍ବା ପୌଢ ଶିକ୍ଷା ଦ୍ୱାରା ହେଉ ସାକ୍ଷରତା ହାର ବୃଦ୍ଧି ଏବେ ବି ଯଥେଷ୍ଟ ନୁହେଁ। ଏହା ସତ୍ତ୍ୱେ ଭାରତରେ ସାକ୍ଷରତା ହାର ଅଭିବୃଦ୍ଧି ଅଭିମୁଖେ ଅଗ୍ରସର ହେଉଛି, ଏଥିରେ ସନ୍ଦେହ ନାହିଁ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩




## ମୁଁ ତୁମ ପ୍ରେୟସୀ

### ଶୁଭସ୍ମିତା ମହାପାତ୍ର



ଯୌବନ ପରଶ
ଛୁଇଁଲା ପରେ,
କଳ୍ପନାକୁ ଅତିକ୍ରମ କରି
ଏ ଯେଉଁ ରୂପ ପାଇଲି
ତୁମରି ପାଇଁ !

ମଧୁର ବାସନା କଲା ଆନମନା
ଗଲି ମୁଁ ସବୁ ପାଶୋରି
ନିଦ୍ରିତେ ଅବା ଜାଗରଣେ କି କାରଣେ
ପ୍ରତି ପଲକରେ ତୁମରି ରୂପ
ସକଳ ସାନିଧେ ଅବା ସଞ୍ଜ ମଧେ
ମୁହୂର୍ତ୍ତେ ପଲକ ପଡ଼ିଲେ
ତୁମ ପ୍ରେମ ଛାପ ।

ଦୁଃଖଅବା ବିଷାଦରେ
ଅବା ପ୍ରମାଦରେ
ତୁମ ପ୍ରେୟସୀ ହେବାର ସୁଖ ଟିକିକ,
ମନେ ଜ୍ୟୋତିସମ ଜଳୁଥାଏ
ଯେତେ ସେ ଜଳୁଥାଏ
ସେତେ ମତେ ଜାଳୁଥାଏ।

ଜାଣିଛି ବିରହ ଯନ୍ତ୍ରଣା ଦାୟକ
ତଥାପି କାହିଁକି
ସେଥିକି ମନ ବଳୁଥାଏ,
ତୁମେ କି ଜାଣିବ ମନର କଥାକୁ
ଦୂରବନ୍ଧୁ ତୁମେ ଆପଣା ସହରେ,
ଆଲୋକ ଶଯ୍ୟାରେ ଦିନ ଯାଏ ।

ପତ୍ନୀ ସ୍ୱୀକୃତି ଲୋଡାନାହିଁ କେବେ
ସେ ସୌଭାଗ୍ୟ ଥିବ ଅବା ନାହିଁ,
ଚିର ପ୍ରେୟସୀ ସ୍ୱୀକୃତି
ଦେବ ବାରେ
ପ୍ରେୟସୀ ସୁଖକି
ପତ୍ନୀ ହେବାରେ ମିଳିପାରେ !

ପତ୍ନୀ ହୁଏ କି ପ୍ରେୟସୀ
ଏତିକି କରିବ ମୋ ପାଇଁକି
ତ୍ୱ କରଚରଣକୁ ମଥାରେ
ଛୁଆଁଇ ମୋର
ପ୍ରେୟସୀ ହୋଇ ମୁଁ
ସାନିଧ ଲଭିବି ସେହିକ୍ଷଣି।

+ପଳାଶୁଣି ନରଗାଙ୍ଗ
ବାଙ୍କୀ, କଟକ

# ଗର୍ଭରେ କ'ଣ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିର୍ଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖା ଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।



**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହା ଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

# ହାର୍ଟ ଆଟାକ୍ ଆସିବା ମାତ୍ରେ ନ ଡରି କରନ୍ତୁ ଏହି କାମ: ବଞ୍ଚିଯିବ ପୀଡିତଙ୍କ ଜୀବନ

ହାର୍ଟ ଆଟାକର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୂର୍ବରୁ ୬୦ ବର୍ଷରୁ ଅଧିକ ଲୋକ ଏହାର ଶିକାର ହେଉଥିବା ବେଳେ ଆଜିକାଲି ୧୮-୨୦ ବର୍ଷର ଯୁବପିଢ଼ି ମଧ ଏହାର ଶିକାର ହେଉଛନ୍ତି । ହାର୍ଟ ଆଟାକ୍ ଆସିବା ପରେ ଲୋକଙ୍କୁ ବଞ୍ଚାଇବା ପାଇଁ ମାତ୍ର କିଛି ମିନିଟ ହିଁ ମିଳିଥାଏ । ଏପରି ପରିସ୍ଥିତିରେ ଯଦି ପୀଡିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆନଯାଏ, ତେବେ ତାଙ୍କ ଜୀବନ ଚାଲିଯାଏ । ଡାକ୍ତରଙ୍କ କହିବା ମୁତାବକ, ସାଧାରଣ ଲୋକ ଏହିପରି ଅନେକ ଟିପ୍ସ ଜାଣିବା ଉଚିତ୍, ଯାହା ରୋଗୀର ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ବ୍ୟବହାର କରାଯାଇପାରିବ । ଆସନ୍ତୁ ଜାଣିବା କ'ଣ ରହିଛି ଟିପ୍ସ...



ହାର୍ଟ ଆଟାକ୍ ପରେ ତୁରନ୍ତ CPR ଦିଅନ୍ତୁ : ଡାକ୍ତରୀ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି କାହାକୁ ହାର୍ଟ ଆଟାକ୍ ଆସିଛି, ତେବେ ପୀଡିତାଙ୍କୁ ତୁରନ୍ତ ସିପିଆର ଦେବା ଉଚିତ । ଏହି ଟେକନିକ ବ୍ୟବହାର କରି ରୋଗୀର ଜୀବନ ବଞ୍ଚାଯାଇ ପାରିବ । CPR ହେଉଛି Cardiopulmonary Resuscitation । ଯେତେବେଳେ କାହାକୁ ହାର୍ଟ ଆଟାକ୍ ଆସୁଛି, ଏହି କୌଶଳ ବ୍ୟବହାର କରି ତାଙ୍କ ଜୀବନ ରକ୍ଷା କରିପାରିବେ । ଏହା ମାଧମରେ ରୋଗୀଙ୍କଠାରେ ବ୍ଲଡ଼ ଏବଂ ଅକ୍ସିଜେନ ଯୋଗାଣ ଚାଲୁ ହୋଇଥାଏ ।

*CPR କିପରି ଦେବେ ?*: ଡାକ୍ତରଙ୍କ କହିବାନୁସାରେ, ଯେତେବେଳେ ବି ଜଣେ ବ୍ୟକ୍ତିଙ୍କୁ ହାର୍ଟ ଆଟାକ୍ ଆସେ, ତାଙ୍କୁ ସିଧା ତଳେ ଶୋଇବାକୁ ଦିଅ ଏବଂ ତା'ପରେ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିପଡ଼ । ଏହା ପରେ ଦୁଇ ହାତର ପାପୁଲିରେ ପୀଡିତାଙ୍କ ଛାତିକୁ ଜୋରରେ ଦବାଇବା ଆରମ୍ଭ କରନ୍ତୁ । ପ୍ରତି ମିନିଟରେ ପ୍ରାୟ ୧୦୦-୧୨୦ / ହାରରେ ଛାତି ଦବାଇଲେ, ରକ୍ତରେ ରକ୍ତ ଏବଂ ଅମ୍ଳଜାନ ଯୋଗାଣ ପୁନଃ ଆରମ୍ଭ ହେବାର ସମ୍ଭାବନା ଥାଏ । ଛାତି ଦବାଇବାବେଳେ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ ଏହା ଏକ ସେମି ପର୍ଯ୍ୟନ୍ତ ତଳକୁ ଯାଉଥିବ । ସିପିଆର ଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିଯାଏ, କିନ୍ତୁ ତାଙ୍କ ଉପରେ ବିପଦ ରହିଥାଏ । ତେଣୁ ସିପିଆର ପରେ ତୁରନ୍ତ ରୋଗୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରନ୍ତୁ । ଯାହାଫଳରେ ତାଙ୍କ ଆଞ୍ଜିଓଗ୍ରାଫି କରି ଅଧିକ ଚିକିତ୍ସା ଆରମ୍ଭ କରିଯାଇପାରିବ । ଅନେକ ଥର ରୋଗୀର ଶିରା ବ୍ଲକ ହୋଇଯାଏ, ସେହି କ୍ଷେତ୍ରରେ ତୁରନ୍ତ ଅସ୍ତ୍ରୋପଚାର କରିବା ଜରୁରୀ ହୋଇଥାଏ ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାରର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ




ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ ହେବାରେ ସମ୍ଭାବନା ଥାଏ ।

ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ : ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍ ।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ ନିୟନ୍ତ୍ରଣରେ ରୁହେ ।



# ଜୀବନ-ମନ୍ତ୍ର: ମନ୍ଦରାଚଳ



ମାର୍କଣ୍ଡେୟ ପୁରାଣ, ମହାଭାରତ, ସ୍କନ୍ଦପୁରାଣ ଆଦିରେ ଯେଉଁ ପାବନ ପର୍ବତର ଉଲ୍ଲେଖ ଅଛି, ସେହି ପର୍ବତର ନାମ ମନ୍ଦରଗିରି । ଏହି ପର୍ବତ ଚନ୍ଦନ, ନାଗେଶ୍ୱର, ଚମ୍ପକ, ବିଲ୍ୱ, ମନ୍ଦାର, କରବୀର ଆଦି ବୃକ୍ଷ ସହିତ ଅଜସ୍ର ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ରହିଥିଲା । ଅନେକ ସୁକଣ୍ଠି ପକ୍ଷୀଙ୍କର କଳରବରେ ଏହା ସର୍ବଦା ମୁଖରିତ ହେଉଥିଲା । ବିଭିନ୍ନ ପ୍ରକାରର ପଶୁ, ସରୀସୃପ, ନାଗ ଏବଂ ଅପ୍ସରା ଓ ଗନ୍ଧର୍ବମାନେ ଏହି ମନୋହର ପର୍ବତର ସୁଷମା ଉପଭୋଗ କରିବା ସହିତ ନାନା ପ୍ରକାର କ୍ରୀଡ଼ା କୌତୁକରେ ସର୍ବଦା ମାତି ରହୁଥିଲେ ।

ଏକଦା ଅସୁରମାନଙ୍କ ସହିତ ସଂଗ୍ରାମ କରି କରି ଦେବତାମାନେ ଯେତେବେଳେ ଦୁର୍ବଳ ହୋଇପଡ଼ିଲେ, ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶରେ ସେମାନେ ରାକ୍ଷସମାନଙ୍କ ସହଯୋଗରେ କ୍ଷୀର ସମୁଦ୍ର ମନ୍ଥନ କରି ଅମୃତ ପ୍ରାପ୍ତି ନିମିତ୍ତ ନିଷ୍ପତ୍ତି କଲେ । ଏହି ମନ୍ଥନ ନିମିତ୍ତ ଏକ ମନ୍ଥନୀ (ଖୁଆଦଣ୍ଡ) ଓ ରଜ୍ଜୁର ଆବଶ୍ୟକତା ପଡ଼ିବାରୁ, ଖୁଆଦଣ୍ଡ ନିମିତ୍ତ ମନ୍ଦର ପର୍ବତ ସର୍ବୋତ୍କୃଷ୍ଟ ଜାଣି, ଇନ୍ଦ୍ରଙ୍କ ସହିତ ଦେବତାମାନେ ଆସି ମନ୍ଦର ପର୍ବତକୁ ଅନୁରୋଧ କଲେ । କିନ୍ତୁ ପୂର୍ବରୁ ଇନ୍ଦ୍ର ତାଙ୍କର ପକ୍ଷଛେଦନ କରିଥିବାରୁ, ମନ୍ଦର କ୍ଷୀର ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ନିଜର ଅକ୍ଷମତା ପ୍ରକାଶ କଲେ । ଦେବତାମାନେ ପ୍ରଥମେ ଏହାକୁ ଉତ୍ପାଟନ କରି ନେବାର ପ୍ରଚେଷ୍ଟା କଲେ । କିନ୍ତୁ ଏହା ସମ୍ଭବ ହେଲା ନାହିଁ । ମହାବଳୀ ଦୈତ୍ୟମାନେ ମଧ ଚେଷ୍ଟା କରି ବିଫଳ ହେଲେ । ଶେଷରେ ଦେବ ଓ ଦାନବ ଏକତ୍ର ହୋଇ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗରୁଡ଼ ଏହାକୁ ନିଜର ପୃଷ୍ଠଦେଶରେ ବହନ କରି ନେଇ କ୍ଷୀର ସମୁଦ୍ର ମଝିରେ ରଖିଦେଲେ । ବାସୁକୀ ନାଗ ମନ୍ଥନୀ ରଜ୍ଜୁ ହୋଇ ଏହାକୁ ବେଷ୍ଟନ କଲେ । ତଥାପି ଏହା ସ୍ଥିର ନହେବାରୁ ସ୍ୱୟଂ ଶ୍ରୀବିଷ୍ଣୁ କୂର୍ମାବତାର ଧାରଣ କରି ମନ୍ଦରକୁ ନିଜ ପୃଷ୍ଠଦେଶରେ ଧାରଣ କରିବାରୁ ମନ୍ଦର ସ୍ଥିର ହେଲା ଏବଂ ସମୁଦ୍ରମନ୍ଥନ କାର୍ଯ୍ୟ ସମାପନ ହେଲା । ଦେବତାମାନେ ଅମୃତ ପ୍ରାପ୍ତ ହେଲେ । ଅମୃତ ପାନ କରି ଦେବତାମାନେ ଅମର ହେଲେ । ସମୁଦ୍ର ମନ୍ଥନ ପରି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାରୁ ମନ୍ଦର ଦେବତାମାନଙ୍କର ପୂଜ୍ୟ ହେଲା । ଏକଦା ମଧୁକୈଟଭଙ୍କ ଅତ୍ୟାଚାରରୁ ପୃଥିବୀକୁ ରକ୍ଷା କରିବା ନିମିତ୍ତ ଭଗବାନ ବିଷ୍ଣୁ ମନ୍ଦର ପର୍ବତରେ ଚାପି ସେମାନଙ୍କୁ ବଧ କରିଥିଲେ । କଥିତ ଅଛି, ମୃତ୍ୟୁ ପୂର୍ବରୁ ମଧୁକୈଟଭ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ- ପ୍ରତ୍ୟେକ ମକର ସଂକ୍ରାନ୍ତିରେ ମନ୍ଦର ପର୍ବତକୁ ଆସି ତାଙ୍କୁ ଦର୍ଶନ ଦେବେ । ଏହି କାରଣରୁ ପ୍ରତ୍ୟେକ ବର୍ଷ ମଧୁସୂଦନ ଭଗବାନ ବିଷ୍ଣୁଙ୍କ ପ୍ରତିମା ସେଠାର ବଂଶୀ ନାମକ ସ୍ଥାନରୁ ମନ୍ଦରକୁ ଯାତ୍ରା କରିଥାଏ; ଯେଉଁଥିରେ ଲକ୍ଷ ଲକ୍ଷ ଭକ୍ତ ସାମିଲ ହୋଇଥାଆନ୍ତି । ସଂପ୍ରତି ମନ୍ଦର ପର୍ବତ ବିହାର ଅନ୍ତର୍ଗତ ଭାଗଲପୁରର ଅନତି ଦୂରରେ ଅବସ୍ଥିତ । ଏହି ପର୍ବତ କଳାମୁଗୁନି ପଥରର ଏବଂ ଏହାର ଚଟାଣ ଉପରେ ବାସୁକୀ ନାଗର ବନ୍ଧନ ଡୋରିର ଚିହ୍ନ ଦେଖାଯାଏ । ଏହାର ଉପରି ଭାଗରେ ଦୁଇଟି ମନ୍ଦିର ଏବଂ ନିମ୍ନରେ ପାପହାରିଣୀ କୁଣ୍ଡ ରହିଛି । ଏହା ଏକ ବିଶେଷ ତୀର୍ଥସ୍ଥଳର ମାନ୍ୟତା ଲାଭ କରିଛି ।

# ଓଜନ କମାଇବାକୁ ଚାହୁଁଛନ୍ତି କି ? : ସପ୍ତାହରେ ଗୋଟେ ଇଞ୍ଜେକ୍ସନ୍ ନେଲେ କମିବ ୧୫ କେଜିରୁ ଅଧିକ ଓଜନ



ଆଧୁନିକ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଯୋଗୁଁ ଆଜିର ସମୟରେ ମେଦବହୁଳତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଶିଶୁଠୁ ନେଇ ବୃଦ୍ଧ ଯାଏ ସମସ୍ତ ବର୍ଗର ଲୋକ ମେଦବହୁଳତା ସହ ସଂଘର୍ଷ କରୁଛନ୍ତି । ଆପଣ ଯେଉଁ ଆଡେ ବି ଦେଖନ୍ତୁ, ସୋସିଆଲ ମିଡିଆ, ୟୁଟ୍ୟୁବ୍, ଟିଭି, ନ୍ୟୁଜ୍ ପେପର, ସବୁଥିରେ ଓଜନ ହ୍ରାସ କରିବାକୁ ବିଭିନ୍ନ ପ୍ରକାରର ଟିପ୍ସ ଦେଖିବାକୁ ମିଳୁଛି । ଜିମ୍, ବ୍ୟାୟାମ, ଯୋଗ, ଡାଏଟ୍, ଫିଟନେସ୍ ବିଷୟରେ ସୋସିଆଲ୍ ମିଡିଆରେ ଅନେକ କଥା ସେୟାର୍ କରାଯାଉଛି । ତେବେ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ ଏପରି ଏକ ଇଞ୍ଜେକସନ୍ ଅଛି ଯାହାକୁ ସପ୍ତାହରେ କେବଳ ଗୋଟିଏ ଥର ନେଲେ ଏକାଥରକେ ୧୫ କିଲୋଗ୍ରାମ ଓଜନ ହ୍ରାସ କରିପାରିବେ । ଏହା ବିଶ୍ୱାସ କରିବା କଷ୍ଟକର କିନ୍ତୁ ଏହା ସତ । ନିକଟରେ ଫାର୍ମାସ୍ୟୁଟିକାଲ୍ ଦିଗ୍ଗଜ ଏଲି ଲିଲି ଏଭଳି ଏକ ପ୍ରସଙ୍ଗକୁ ସାମ୍ନାକୁ ଆଣିଛନ୍ତି ଯେ ଯଦି ଏହି ଇଞ୍ଜେକସନ୍ ବଜାରକୁ ଆସେ ତେବେ ଏହା ଓଜନ ହ୍ରାସ କରିବା ପାଇଁ ରାମବାଣ ସଦୃଶ ହେବ ।

ବାସ୍ତବରେ ଏଲି ଲିଲି କହିଛନ୍ତି, 'ଆମେ ନିକଟରେ ଓଜନ ହ୍ରାସ ଔଷଧର ଏକ କ୍ଲିନିକାଲ୍ ପରୀକ୍ଷା କରିଛୁ, ଯାହାର ଫଳାଫଳ ବହୁତ ଭଲ ହୋଇଛି । ଏହି ଔଷଧର ନାମ ହେଉଛି ତିରଜେପାଟାଇଡ୍ । ତିରଜେପାଟାଇଡ୍ ଔଷଧର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଔଷଧର 'ମୋଞ୍ଜାରୋ ବ୍ରାଣ୍ଡ' ନାମକ ଟାଇପ୍-୨ ମଧୁମେହର ଚିକିତ୍ସା ପାଇଁ ବ୍ୟବହୃତ ହୁଏ ।

ବାସ୍ତବରେ, ଟାଇପ୍-୨ ମଧୁମେହ ରୋଗୀମାନେ ଏହି ଔଷଧକୁ ସପ୍ତାହରେ ଥରେ ଇଞ୍ଜେକ୍ସନ ଆକାରରେ ଗ୍ରହଣ କରନ୍ତି । ଏଲି ଲିଲିଙ୍କ ଦାବି ଅନୁଯାୟୀ ଏହି ଔଷଧ ଆମେରିକାର ବଜାରରେ ଓଜନ ହ୍ରାସ କ୍ଷେତ୍ରରେ ଆରମ୍ଭ କରାଯାଉ । ଯାହାଦ୍ୱାରା ଲୋକମାନେ ମେଦବହୁଳତା ଭଳି ରୋଗରୁ ମୁକ୍ତି ପାଇପାରିବେ । କାରଣ ଆଜିକାଲି ମେଦବହୁଳତା ହେଉଛି ସମସ୍ତ ରୋଗର ମୂଳ କାରଣ । ଏଲି ଲିଲିଙ୍କ କହିବାନୁସାରେ, ତିର୍ଜେପାଟାଇଡ୍କୁ ନେଇ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ଯେଉଁମାନଙ୍କଠାରେ ଏହି ପରୀକ୍ଷା କରାଯାଇଥିଲା ସେମାନଙ୍କ ଓଜନ ସପ୍ତାହରେ ୧୫ କିଲୋଗ୍ରାମରୁ ଅଧିକ ହ୍ରାସ ପାଇଛି । ଏହି ଔଷଧର ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ ରୋଗୀଙ୍କଠାରେ ଦେଖିବାକୁ ମିଳିଥିଲା । ଯେପରିକି ଗ୍ୟାସ୍ ?, ବାନ୍ତି, ପେଟ ସମସ୍ୟା । କିନ୍ତୁ ଫଳାଫଳ ବହୁତ ଭଲ ଥିଲା ବୋଲି ସେ କହିଛନ୍ତି । ୨୦୨୩ ଶେଷ ସୁଦ୍ଧା ଏହି ଔଷଧ ବଜାରରେ ଉପଲବ୍ଧ ହୋଇପାରେ ।




କାର୍ତ୍ତିକ ମାସରେ ଲୋକ ସାତ୍ତ୍ୱିକ ନିରାମିଷ ଖାଦ୍ୟ ଭକ୍ଷଣ କରିବାକୁ ପସନ୍ଦ କରିଥାନ୍ତି । ସାଧା ଖାଦ୍ୟରେ ଖଟା ହେଉଛି ପ୍ରଧାନ ଜିନିଷ । ଭାତ ଡାଲ୍ମା ସାଙ୍ଗକୁ କୌଣସି ବି ପ୍ରକାରର ଖଟା ଟିକେ ହୋଇଗଲେ ଖାଇବାର ମଜା ଆସିଯାଏ । ସେଥିପାଇଁ ଆଜି ଆମେ ଜାଣିବା ଏକ ଖଟା ରେସିପି । ରେସିପିର ନାମ 'ଦହି ଆମ୍ବୁଲ' ।

ଆବଶ୍ୟକୀୟ ସାମଗ୍ରୀ: ଦହି, ଆମ୍ବୁଲ, ଶୋରିଷ, କଞ୍ଚା ଲଙ୍କା, ସୁଖିଲା ଲଙ୍କା, ଅଦା, ଶୋରିଷ ତେଲ, ପଞ୍ଚଫୁଟଣ, ନଡ଼ିଆ, ଆମ୍ବକଷିଆ ଅଦା, ଭୃଷଙ୍ଗ ପତ୍ର, ଚାଟ୍ ମସଲା, ହେଙ୍ଗୁ, ଲଙ୍କାଜିରା ଗୁଣ୍ଡ, ଧନିଆ ପତ୍ର, ଲୁଣ, ଚିନି, ପାଣି ।

କେମିତି ବନେଇବେ : ଦହି ଆମ୍ବୁଲ ବନାଇବା ପାଇଁ ଆମକୁ ପ୍ରଥମେ ଆମ୍ବୁଲକୁ ଏକ ପାତ୍ରରେ ପାଣି ଦେଇ ଅଧଘଣ୍ଟାରୁ ଅଧିକ ସମୟ ଭିଜାଇ ଦେବା । ତା'ପରେ ବେସର ପ୍ରସ୍ତୁତ କରିବାକୁ ପଡ଼ିବ । ବେସର ପ୍ରସ୍ତୁତ କରିବା ପାଇଁ ନେବା ଗୋଟେ କି ଦେଢ଼ ଚାମଚ୍ ଶୋରିଷ, ଗୋଟାଏ କଞ୍ଚାଲଙ୍କା, ଛୋଟ ଖଣ୍ଡ ଅଦା, ଅଳ୍ପ ଟିକେ ନଡ଼ିଆ କୋରା । ଏସବୁକୁ ମିଶାଇ ବାଟିକି ରଖିଦେବା । ତା'ପରେ ଆଣିବା ଦୁଇ କପ୍ ଦହି । ଦହିରେ ବେସରକୁ ମିଶାଇବା । ସେଥିରେ ସ୍ୱାଦ ମୁତାବକ, ଚିନି, ଲୁଣ, ଚାଟ୍ ମସଲା, ଆମ୍ବକଷିଆ ଅଦା କୋରା, ଧନିଆ ପତ୍ର, ଲଙ୍କାଜିରା ଗୁଣ୍ଡ ଓ ସାମାନ୍ୟ ପାଣି ମିଶାଇ ଗୋଳାଇ ଥୋଇଦେବା । ଦେଖିବା ଆମ୍ବୁଲ ଯଦି ଭଲ କରି ବତୁରି ଯାଇଛି ତେବେ ତାହାକୁ ଟିକେ ଚକଟି ଦେଇ ଉକ୍ତ ମିଶ୍ରଣରେ ମିଶାଇବା । ସବୁ କିଛି ମିଶାଇ ସାରିବା ପରେ ଫୁଟଣ କାମ । ଫୁଟଣ ପାଇଁ କଡ଼େଇରେ ଟିକେ ଶୋରିଷ ତେଲ ନେବା । ତେଲ ତାତିବା ପରେ ସେଥିରେ ୨ଟି ସୁଖିଲା ଲଙ୍କା ପକାଇବା । ତା'ପରେ ସେଥିରେ ଦେବା ପଞ୍ଚଫୁଟଣ । ଫୁଟଣ ଭାଜି ହେବା ପରେ ସାମାନ୍ୟ ଅଦା ଘୋରି ଦେଇ ହେଙ୍ଗୁ ଟିକେ ପକାଇବା ଓ ଶେଷରେ ପକାଇବା ଭୃଷଙ୍ଗ ପତ୍ର । ବଢ଼ିଆ ଛୁଙ୍କଟେ ହେବା ପରେ ତାହାକୁ ଆମେ ଆମ୍ବୁଲ ମିଶ୍ରିତ ଦହିରେ ଢାଳି ଦେଇ ଗୋଳେଇ ଦେବା । ୨୦ ମିନିଟ୍ ପର୍ଯ୍ୟନ୍ତ ବାହାରେ ରଖି ତା'ପରେ ଫ୍ରିଜ୍‌ରେ ରଖିଦେବା । ସେହି ଦହି ଆମ୍ବୁଲକୁ ଆପଣ ସପ୍ତାହେ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖି ଖାଇଲେ ବି ତାହା ଖରାପ ହେବ ନାହିଁ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ

ଖୋର୍ଦ୍ଧା , ୨୮/୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପ୍ରଥମ ଦିବସର ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ନାଗରିକଙ୍କ ପାଇଁ ସୋମବାର ସାଧୁତାର ଶପଥାପାଠ କରାଇଥିଲେ । ବୈଠକରେ ଡେପୁଟୀ କଲେକ୍ଟର, ରାଜସ୍ୱ ନିବେଦିତା ପରିଡ଼ା, ଡେପୁଟି କଲେକ୍ଟର, ନ୍ୟାୟିକ, ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟି କଲେକ୍ଟର, ଜରୁରୀ , ଶ୍ରୀତପା ମିଶ୍ର, ଭୂଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ସହକାରୀ ଜିଲ୍ଲାପାଳ, ଡଉଜି, ଅକ୍ଷୟ କୁମାର ଜେନା ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପାଳନ ହେଉଛି ବୋଲି ସୂଚନା ଦେବାସହ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ସଭାର ସଭାପତି ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାୀମାନଙ୍କୁ ନାଗରିକ ପାଇଁ ସାଧୂତାର ଶପଥ ପାଠ କରାଇଥିଲେ । ଏହି ଅବସରରେ ଶ୍ରୀ ବେଉରା ପ୍ରତ୍ୟେକ ବିଭାଗ ଓ ଉପବିଭାଗ ଅଧିକାରୀ ମାନେ ସାଧୁତା ବଜାୟ ରଖିବା ଜରୁରୀ ଅଟେ ବୋଲି ପ୍ରକାଶ କରିଥିଲେ । ବିଭାଗ ଓ ଉପ ବିଭାଗ ଅଧିକାରୀ ମାନେ ନିଜ ନିଜ କାର୍ଯ୍ୟାଳୟର କାର୍ଯ୍ୟ ପ୍ରଗତିର ନିରନ୍ତର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଧିକାରୀ ସାଧୁତା, ସଚ୍ଚୋଟତା, ସମୟାନୁବର୍ତ୍ତିତା ବଜାୟ ରଖି ନିଷ୍ଠାପରଭାବେ ସରକାର ଓ ପ୍ରଶାସନର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ସମ୍ପାଦନ କଲେ ଦୁର୍ନୀତି ଭଳି କୁତ୍ସିତ କାର୍ଯ୍ୟ ଦୁର ହେବା ସହ ଜିଲ୍ଲା ଦୃତ ବିକାଶ ପଥେ ଆଗେଇ ସମଗ୍ର ରାଜ୍ୟରେ ଓ ଦେଶରେ ଦୃଷ୍ଟାନ୍ତ ସୃଷ୍ଟି କରିବା ବୋଲି ପ୍ରକାଶ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଇ ଗଭର୍ଣାସ୍ ପରିଚାଳକ ମାନସ କୁମାର ବ୍ରହ୍ମ, ସମସ୍ତ ଉପ ବିଭାଗୀୟ ଅଧିକାରୀ, ସମସ୍ତ କ୍ଷୀପ୍ର ଲେଖକ ଓ ଲେଖିକା, ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ ଓ ଅନ୍ୟ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭଦ୍ରକ, ୨୮/୧୦ (ନି.ପ୍ର): ରାଜ୍ୟ ପ୍ରସିଦ୍ଧ ଭଦ୍ରକର ଐତିହାସିକ କାଳୀପୂଜା ଉପଲକ୍ଷେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ପ୍ରଥମ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଗତକାଲି ରାତିରେ ଉଦଘାଟିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠି, ମୁଖ୍ୟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିକ୍ରା ପ୍ରମୁଖ ଯୋଗଦେଇ ଉତ୍ସବ କୁ ଆନୁଷ୍ଠନିକ ଉଦଘାଟନ କରିଥିଲେ । ଭଦ୍ରକ ଜିଲ୍ଲା ହେଉଛି କଳା ସାହିତ୍ୟ ଓ ସଂସ୍କୃତି ର ମାଟି । ଏ ମାଟିର ସ୍ୱପ୍ନ କୁ ସାକାର କରିବା ପାଇଁ ଓ ଚରିତାର୍ଥ କରିବା ପାଇଁ ରାଜ୍ୟ ସରକାର ପ୍ରଥମ କରି କାଳୀପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ସହଯୋଗ କରିନ୍ତି । ଇଂ ଅଭୟ ସୁତାର ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ଏହି ଅବସରରେ ଭଦ୍ରକ ର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ଏଥି ସହ ରାଜ୍ୟ ସରକାର ଙ୍କ ଦ୍ୱାରା ମୟୁରଭଞ୍ଜ ଜିଲ୍ଲା ର 'ମଲଖମ' ନୃତ୍ୟ ଗ୍ରୁପ ଦ୍ୱାରା ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଂଶ ଗ୍ରହଣ କରିଥିବା ନୃତ୍ୟ ଓ ସଙ୍ଗୀତ କଳାକାର ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଓ ଡେପୁଟି କଲେକ୍ଟର ଶ୍ରୀ ମଣ୍ଡଳ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ସଂଗୀତଜ୍ଞ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ଶ୍ରୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣି ଅନୁଷ୍ଠିତ

ବଲାଙ୍ଗିର, ୨୮/୧୦ (ନି.ପ୍ର): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରଭ୍ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଙ୍କୁ ସମୁଦାୟ ୭୬ ଟି ଅଭିଯୋଗ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୭୩ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୩ ଗୋଟି ସାମୁହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ୧୧ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଯଥା ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡାଃ ବିଜୟାନନ୍ଦ ସେଠୀ, ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ତରଣୀ ସୁନା, ବଲାଙ୍ଗିର ଉପ ଜିଲ୍ଲାପାଳ, ଆଲୋକ କୁମାର ପଟେଲ, ଆସିଷ୍ଟାଂଟ କଲେକ୍ଟର (ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଜନ-ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ । ସ୍ନିଗ୍ଧା ରାଣୀ ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଦୁର୍ନୀତି ବିରୋଧରେ ସଂଘବଦ୍ଧ ଉଦ୍ୟମ ଆବଶ୍ୟକ

ପୁରୀ, ୨୮/୧୦ (ନି.ପ୍ର): ଦୁର୍ନୀତି ଏକ ସାମାଜିକ ବ୍ୟାଧି ।ଏହାର ମୂଳୋତ୍ପାଟନ ପାଇଁ ସମବଦ୍ଧ ଉଦ୍ୟମ ଆବଶ୍ୟକ ବୋଲି କହିଛନ୍ତି ପୁରୀ ଦୁର୍ନୀତି ନିବାରଣ ୟୁନିଟ ର ଡିଏସପି ସୋମନାଥ ବାରିକ । ଚଳିତ ବର୍ଷ ଆଜି ଅର୍ଥାତ ୨୭ ଅକ୍ଟୋବର ଠାରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ପ୍ରଥମ ଦିନରେ ଆଜି ପ୍ରତ୍ୟେକ କାର୍ଯ୍ୟାଳୟ ମାନଙ୍କରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଥିଲା । ସର୍କିଟ ହାଉସ ଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ୟୁନିଟ ର ଡିଏସପି ଶ୍ରୀ ବାରିକ ଯୋଗ ଦେଇ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଦୁର୍ନୀତିର କାରଣ, ନିରାକରଣ ଓ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶପଥ ପାଠରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇ ଶପଥ ପାଠ କରିଥିଲେ ।

# ଚେନ୍ନାଇରେ ପୁଣି ଦାଦନ ଶ୍ରମିକଙ୍କ ଆତ୍ମହତ୍ୟା: କେନ୍ଦୁଝରର କଲଣ୍ଡା ଗାଁରେ ଶୋକର ଛାୟା

କେନ୍ଦୁଝର, ୨୭ ଅକ୍ଟୋବର (ହି.ସ.)- ଦାଦନ ଦୁଃଖର ଦାରୁଣ ଦାରୁଣ ଚିତ୍ର ପୁଣି ଥରେ ସାମ୍ନାକୁ ଆସିଛି । ରୋଜଗାର ଆଶାରେ ସୁଦୂର ତାମିଲନାଡୁ ଯାଇଥିବା ଜିଲ୍ଲା ସଦର ବ୍ଲକ ପର୍ଜୁନପୁର ପଂଚାୟତର କଲଣ୍ଡା ଗ୍ରାମର ଜଣେ ଯୁବକ ସେଠାରେ ଆତ୍ମହତ୍ୟା କରିଥିବା ଖବର ମିଳିଛି । ମୃତକ ହେଉଛନ୍ତି କଲଣ୍ଡା ଗ୍ରାମର ରାଜେନ୍ଦ୍ର ମହାକୁଡ଼ (ବୟସ । ପ୍ରାୟ ୨୮/୩୦ ବର୍ଷ) । ଏହି ଖବର ପରେ କଲଣ୍ଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ସୂଚନା ଅନୁଯାୟୀ, ରାଜେନ୍ଦ୍ର ମହାକୁଡ଼ ଅର୍ଥ ରୋଜଗାର ପାଇଁ ଗ୍ରାମର କିଛି ସାଙ୍ଗମାନ ମାନଙ୍କ ସହିତ ଚେନ୍ନାଇ ଯାଇ ସେଠାରେ ଏକ ଲୁଗା ଫ୍ୟାକ୍ଟିରେ ଶ୍ରମିକ ଭାବେ କାମ କରୁଥିଲେ । ଗତକାଲି ରାତିରେ କୌଣସି କାରଣବଶତଃ ରାଜେନ୍ଦ୍ର ତାଙ୍କ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ । ତାଙ୍କ ସାଙ୍ଗମାନେ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ରାଜେନ୍ଦ୍ରଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରିଛି । ପ୍ରାଥମିକ ତଦନ୍ତ ପରେ ପୋଲିସ ଶବକୁ ନିକଟସ୍ଥ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖିଛି । ତେବେ ରାଜେନ୍ଦ୍ର କେଉଁ କାରଣରୁ ଏପରି ଚରମ ପଦକ୍ଷେପ ନେଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଦାଦନ ଶ୍ରମିକମାନଙ୍କ ମଧ୍ୟରେ କାର୍ଯ୍ୟଭାର, ଅର୍ଥ ଅଭାବ, କିମ୍ବା ମାନସିକ ଚାପ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଚେନ୍ନାଇରେ ଉପସ୍ଥିତ ଥିବା ରାଜେନ୍ଦ୍ରଙ୍କ ଅନ୍ୟ ସାଙ୍ଗମାନେ ଏବେ ଅସହାୟ ଅବସ୍ଥାରେ ଅଛନ୍ତି । ସେମାନେ ନିଜସ୍ୱ ଉଦ୍ୟମରେ ଶବକୁ ଓଡ଼ିଶା ଫେରାଇ ଆଣିବାରେ ଅସମର୍ଥ ହେବାରୁ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି । କଲଣ୍ଡା ଗ୍ରାମବାସୀ ଏବେ ଶବକୁ ଫେରାଇ ଆଣିବାକୁ ଆକୁଳତାର ସହ ଜିଲ୍ଲା ପ୍ରଶାସନର ସହଯୋଗକୁ ଅପେକ୍ଷା କରିଛନ୍ତି ।

# ତାରିଣୀ ଦର୍ଶନ କଲେ ନୂତନ ଜିଲ୍ଲା କଂଗ୍ରେସ ସଭାପତି

ଘଟଗାଁ, ୨୮/୧୦ (ନି.ପ୍ର): ନୂତନ ଭାବେ ଦାୟିତ୍ୱ ନେଇଥିବା କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା କେନ୍ଦୁଝର ଗସ୍ତ ଅବସରରେ ଆସି ମା ତାରିଣୀଙ୍କୁ ଦର୍ଶନ କରିବା ସହ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ମାଙ୍କ ପୂଜକ ପ୍ରଦୀପ କୁମାର ଦେହୁରୀ ପୂଜା ଅର୍ଚ୍ଚନା କରିଥିଲେ । ତାଙ୍କ ସହ ଆନନ୍ଦପୁର ମୁନିସିପାଲିଟି କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଂଟିଆ, କେନ୍ଦୁଝର ବରିଷ୍ଠ କଂଗ୍ରେସ ନେତା ଉତମ କୁମାର ସାହୁ, ଲଳିତ ନାୟକ, ରତ୍ନାକର ଜେନା, ଦିନେଶ ରାଉତ, ଗୌରହରୀ ନାଏକ ପ୍ରମୁଖ ଆସିଥିଲେ । ଏହି ଅବସରରେ ସେ କେନ୍ଦୁଝର ଜିଲ୍ଲାର ଶୋଚନୀୟ ହୋଇପଡିଥିବା ରାସ୍ତାଘାଟ ଓ ବିଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱଦେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରବେ ବୋଲି କହିଥିଲେ । ସେହିପରି ଆନନ୍ଦପୁର ଅଂଚଳରେ ବୈତରଣୀ ବାଲି ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଙ୍କୁ ସୂଚନା ଦେଇଥିଲେ । ପୂର୍ବରୁ ଦଳୀୟ କର୍ମୀଙ୍କ ଶୋଭାଯାତ୍ରାରେ କଂଗ୍ରେସ ସଭାପତି ଶ୍ରୀ ଜେନା ସ୍ଥାନୀୟ ଡାକ ବଙ୍ଗଳା ଠାରେ କଂଗ୍ରେସର ସଂଗଠନ ଉପରେ ଆଲୋଚନା କରିଥିଲେ । ତେବେ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ଉପଦେଶରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରହିବବୋଲି ମତବ୍ୟକ୍ତ କରିଥିଲେ । ଘଟଗାଁ ବ୍ଲକର ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଦେବେନ୍ଦ୍ର ନାୟକ, ସେକ ଲୋକମାନ, ହୃଦୟ ରଞ୍ଜନ ସିଂହ, ଅଲ୍ଲୀ ଅହମଦ, ସୁରେନ୍ଦ୍ର ପଟ୍ଟନାୟକ, ସେକ ସିରାଜୁଦିନ, ବିଶ୍ୱନାଥ ବେଜ, ବିଜୟ ପଲେଇ, ଋଷିଭର ନାଏକ, ପ୍ରଫୁଲ ନାଏକ, ଭୀମ ସେନ ନାଏକ, ବସନ୍ତ ପଲେଇ, ଶ୍ରୀଧର ଖଣ୍ଡା, ଟଙ୍କଧର ମାଝୀ, ଦନା ମହାନ୍ତ, ଦୁର୍ଗା ପ୍ରସାଦ ବେହେରା, ବିଭୁତି ସିଂହ, ସୁମନ ସିଂହ, ଜୀବନ ବାରିକ, ଡମ୍ବରୁ ପାତ୍ର, ମହେନ୍ଦ୍ର ପାତ୍ର, ସେକ ଇଲିୟାସ, ରାଧାକାନ୍ତ ବାରିକ, ଦିଲୀପ ନାଏକ, ପ୍ରମୁଖ ସ୍ଥାନୀୟ ଡାକବଙ୍ଗଳା ଠାରେ ଫୁଲତୋଡା ଓ ଉତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।

# ରଗଡ଼ି ଛକରେ ଅଷ୍ଟଶମ୍ଭୁ ପରିବା ବଜାର ଶୁଭାରମ୍ଭ

## ପରିବା ହାଟକୁ ନେଇ ଲାଗିଛି ନାଟ, ଉଭୟ ସ୍ଥାନରେ ଚାଲିବ ହାଟ

ଭୁବନ, ୨୮/୧୦ (ନି.ପ୍ର): ଭୁବନ ଏନ୍‌ଏସି ଅନ୍ତର୍ଗତ ୧୪ ନମ୍ବର ଓ୍ୱାର୍ଡ଼ ରଗଡ଼ି ଛକ ଠାରେ ବହୁ ପ୍ରତିକ୍ଷିତ ପରିବା ବଜାର ଶୁଭାରମ୍ଭ ହୋଇଛି । ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ କୃଷକ ସମାଜ ତରଫରୁ ଆଜି ସୋମବାର ପରିବା ବଜାର କାର୍ଯ୍ୟକ୍ଷମ ହୋଇଛି । ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିବା ଭୁବନ ଏନ୍‌ଏସିରେ ଦୀର୍ଘ ୫୦ ବର୍ଷ ପରେ ସ୍ଥାୟୀ ପରିବା ବଜାର ନଥିବା ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ରଗଡ଼ି ଛକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପର୍ଯ୍ୟାପ୍ତ ସରକାରୀ ଜମିକୁ ନିୟନ୍ତ୍ରଣକୁ ଆଣି ବାଲି ଫିଲିଂ, ସାଇଡ ଓ୍ୱାଲ, ପେଭର ବିଛାଇ ପ୍ରଥମେ ୨୭ଟି କ୍ୟାବିନ ପକାଇ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରିଥିଲେ । ପରିବା ବଜାର ପାଇଁ ପ୍ରାଥମିକ କାର୍ଯ୍ୟ ଶେଷ ହେବା ପରେ ଚାଷୀମାନଙ୍କ ପାଇଁ ୩ଟି ପିଣ୍ଡି ନିର୍ମାଣ କରିଥିଲେ । ଏହାବାଦ ଗ୍ରାହକଙ୍କ ସୁବିଧା ପାଇଁ ଏକ ଆମିନିଟି ସେଂଟର ଏବଂ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖି କୋଠାଘର( ମଲ୍ଟି ପର୍ପୋଜ ହଲ) ନିର୍ମାଣ କରିଥିଲେ । ପ୍ରାୟ ବର୍ଷକ ପୂର୍ବେ ଏହି ପରିବା ବଜାର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ସରକାର ପରିବର୍ତ୍ତନ ଯୋଗୁ ଉଦଘାଟନ ହୋଇପାରି ନଥିଲା । ପରବର୍ତୀ ସମୟରେ ଏହାକୁ ଚାଲୁ କରିବାକୁ ନରଗପାଳ ଆପ୍ରାଣ ଉଦ୍ୟମ କରିଥିବାବେଳେ ରାଜନୈତିକ ଛକାପଞ୍ଝା ଯୋଗୁ କାର୍ଯ୍ୟକ୍ଷମ ହୋଇପାରି ନଥିଲା । ଗତ ମାସରେ ସରକାରଙ୍କ ଦ୍ୱାରା ନଗରପାଳ ଗାଦିଚ୍ୟୁତ ହେବାପରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏନ୍‌ଏସି ଅଫିସ ସମ୍ମୁଖସ୍ଥ ଉଠା ଜଳସେଚନ କାର୍ଯ୍ୟାଳୟ ପରିସରରେ ପରିବା ବଜାର କରିବା ପାଇଁ ବାଲି, ମୋରମ ପକାଇ ବିଶ୍ୱକର୍ମା ପୂଜା ଦିନ ବିଧାୟକ ଶତ୍ରୁଘ୍ନ ଜେନା ଏହାକୁ ଉଦଘାଟନ କରିଥିଲେ । ଫଳରେ ଦୀର୍ଘଦିନ ହେଲା ଭିଆଇପି ଏରିଆ(ଡାକବଙ୍ଗଳା ସମ୍ମୁଖ)ରୁ ଏନ୍‌ଏସି ଅଫିସ ନିକଟକୁ ପରିବା ମାର୍କେଟ ସ୍ଥାନାନ୍ତର ହୋଇଥିଲା । ସେଠାରେ କୌଣସି ଭିତିଭୂମି ନଥିବା ଅଭିଯୋଗ କରି ମାତ୍ର ୫ ଦିନ ପରେ ଚାଷୀମାନେ ବ୍ୟବସାୟ ବନ୍ଦ କରି ପୁନର୍ବାର ଭିଆଇପି ଏରିଆକୁ ଫେରି ଆସିଥିଲେ । ପିଣ୍ଡି ସ୍ଥାପନ ପରେ ୨୮ ତାରିଖରେ ପୁନର୍ବାର ଉଠା ଜଳସେଚନ ଅଫିସକୁ ପରିବା ମାର୍କେଟ ସ୍ଥାନାନ୍ତର ହେବ ବୋଲି ନିଷ୍ପତି ନିଆଯାଇଥିଲା । ଅପରପକ୍ଷେ ୨୭ ତାରିଖ ଦିନ ରଗଡ଼ି ଛକରେ ଅଷ୍ଟଶମ୍ଭୁ ପରିବା ବଜାର ଶୁଭାରମ୍ଭ ବୋଲି ବ୍ୟାନର ଲଗାଯାଇଥିଲା । ଆଜି ସୋମବାର ସକାଳେ କୃଷକ ସମାଜ ତରଫରୁ ଗ୍ରାମାଂଚଳରୁ ଆସୁଥିବା ଚାଷୀଙ୍କୁ ସ୍ୱାଗତ ଜଣାଇ ରଗଡ଼ି ଛକରେ ଅଷ୍ଟଶମ୍ଭୁ ପରିବା ବଜାର ଶୁଭାରମ୍ଭ କରାଯାଇଥିଲା । ଏହାକୁ ନେଇ ଜନସାଧାରଣରେ ଆନନ୍ଦ ପ୍ରକାଶ ପାଇଥିବାବେଳେ କେତେକ ଚାଷୀଙ୍କୁ ପୋଲିସ କର୍ମଚାରୀ ମାନେ ଘଉଡାଇ ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ କାମାକ୍ଷାନଗର ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣୀରେ ପରିବା ହାଟକୁ ନେଇ ଅଭିଯୋଗ ହେବା ପରେ ଭୁବନ ପାଇଁ ଗୋଟିଏ ନୁହେଁ ଏକାଧିକ ପରିବା ବଜାରର ଆବଶ୍ୟକତା ରହିଛି ବୋଲି ନିର୍ବାହୀ ଅଧିକାରୀ ପ୍ରଦତ ସାହୁ ସ୍ୱୀକାର କରିଛନ୍ତି । ସୂଚନା ଅନୁଯାୟୀ ଆସନ୍ତାକାଲି ଉଭୟ ରଗଡ଼ି ଛକ ଓ ଉଠା ଜଳସେଚନ କାର୍ଯ୍ୟାଳୟ ପରିସରରେ ପରିବା ବଜାର ହେବ ବୋଲି ଜଣାପଡ଼ିଛି ।

# ଏବିଭିପି କଂଟାବାଞ୍ଜି ତରଫରୁ କ୍ୟାମ୍ପସ ସଫେଇ ଅଭିଯାନ

ବଲାଙ୍ଗିର, ୨୮/୧୦ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଂଟାବାଞ୍ଜି ତରଫରୁ କଂଟାବାଞ୍ଜି ସ୍ଥିତ କଂଟାବାଞ୍ଜି ଭୋକେସନାଲ ମହାବିଦ୍ୟାଳୟରେ ଆଜି କାର୍ଯ୍ୟକର୍ତା ମାନଙ୍କ ଦ୍ୱାରା ଏକ ମହାବିଦ୍ୟାଳୟ ସଫେଇ ଅଭିଯାନ କରାଯାଇଥିଲା । ଏହି ଅଭିଯାନ ଆଗାମୀ ଦିନରେ ସାରା ବଲାଙ୍ଗିରରେ କାମ କରିବ ବୋଲି କାର୍ଯ୍ୟକର୍ତା ମତ ଦେଇଛନ୍ତି । କଲେଜ ପରିସର ପ୍ଲାଷ୍ଟିକ ମୁକ୍ତ ହେବା ସହିତ ଏକ ସୁନ୍ଦର ଶିକ୍ଷା ପରିବେଶ ହେଉ ସେଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହି ମାଧ୍ୟମରେ ସବୁ କଲେଜ କ୍ୟାମ୍ପସକୁ ଯିବ । ଏହି କାର୍ଯ୍ୟକ୍ରମରେ ବିଭାଗ ସଂଗଠନ ମନ୍ତ୍ରୀ ତଥା ପ୍ରାନ୍ତ ଏସଏଫଡି ପ୍ରମୁଖ ବିକାଶ ସାହୁ, ଜିଲ୍ଲା ସହ ସଂଯୋଜକ ଶୁଭାଶିଷ ପାଣୀ ,ନଗର ପ୍ରମୁଖ ସୁବ୍ରତ ମହାକୁଡ଼, ଆରକେଏମ ସଂଯୋଜକ ରବି ଝରା ଓ ପ୍ରଶାନ୍ତ ପୋଡ, ଆୟୁଷ ଅଗ୍ରଓ୍ୱାଲ ଓ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

# ଇଣ୍ଡୋର ଷ୍ଟାଡିୟମ ପରିସରରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ଖେଳାଳି ଓ କ୍ରୀଡାପ୍ରେମୀଙ୍କ ବିରୋଧ: ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଜୟପୁର, ୨୮/୧୦ (ନି.ପ୍ର): ଜୟପୁର ଲିଙ୍ଗରାଜ ନଗରସ୍ଥିତ ଇଣ୍ଡୋର ଷ୍ଟାଡିୟମ ପରିସରରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ କରାଯାଇ ସହରର ବହୁମାତ୍ରାରେ ଖେଳାଳି ଓ କ୍ରୀଡବିତ୍ ମାନେ ବିରୋଧ କରିବା ସହ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନନ କରିଛନ୍ତି । ଅଭିଯୋଗକାରି ମାନେ ଆଜି ଇଣ୍ଡୋର ଷ୍ଟାଡିୟମ ପରିସରରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ସ୍ଥାନୀୟ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଅଡି ବସିଛନ୍ତି । ଏହିପରି ଉକ୍ତ ନିର୍ମାଣ କରିବାକୁ ନିର୍ମାଣକାରୀ ଠିକାଦାର ସମର୍ଥନ କରୁଥିବା ବେଳେ ଉକ୍ତ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କିଛି ହାତଗୁଞ୍ଜା ଦେଇ ବିଭ୍ରାଟ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗକାରୀ ମାନେ ସନ୍ଦେହ ନେଇ ଅଭିଯୋଗ କରିଛନ୍ତି । କୋରାପୁଟ ଜିଲ୍ଲା ଏକ ଅନୁସୂଚିତ ଜନଜାତି ଅଂଚଳ ହୋଇଥିବା ବେଳେ ଏଠାରେ କ୍ରୀଡାର ବିକାଶ ପାଇଁ ୨୦୧୪ ମସିହାରେ ସମ୍ମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ରାଜସ୍ୱ ବିଭାଗର ପ୍ରଦାନ କରାଯାଇଥିବା ଜମିରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛିଲା । ଏହାର ରକ୍ଷଣାବେକ୍ଷଣ ପୌରସଂସ୍ଥାକୁ ଦିଆଯାଇଥିଲା । ବର୍ତ୍ତମାନ ପୌରସଂସ୍ଥା ପକ୍ଷରୁ ସହରର ୪ଟି ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିବା ବେଳେ ତିନୋଟି ସ୍ଥାନରେ ଜମିରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଲିଙ୍ଗରାଜ ନଗର, ଇରିଗେସନ କଲୋନୀ ବାସିନ୍ଦାଙ୍କ ନିର୍ମାଣ ନେଇ ଜମି ସମସ୍ୟା ଦେଖାଦେଇଛି । ଏହିପରି ଇଣ୍ଡୋର ଷ୍ଟାଡିୟମ ନିକଟରେ ସରକାରଙ୍କ ଅଧିନରେ ରହିଥିବା ୮୭ ଡେସିମିଲ ଜମି ରହିଥିବା ବେଳେ ଏହାର କିଛି ଜମି ଜବରଦଖଲ କରାଯାଇଛି । ତେଣୁ ମାପଚୁପ ପରେ ଜବରଦଖଲ ଜମିକୁ ଉଦ୍ଧାର କରିବା ସହ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରଦାନ କରିବାକୁ କ୍ରୀଡାପ୍ରେମୀ ସହିତ ଏହାକୁ ସ୍ଥାନୀୟ ଅଂଚଳରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରଦାନ କରିବାକୁ କିଛି ବୁଦ୍ଧିଜୀବୀ ମତଦେଇଛନ୍ତି । ଏହିପରି ସ୍ଥାନୀୟ ୩ ନମ୍ବର ଓ୍ୱାର୍ଡର କାଉନସିଲର ପାର୍ଥ ସାରଥୀ ମଲ୍ଲିକ ମଧ ଇଣ୍ଡୋର ଷ୍ଟାଡିୟମ ପରିସରରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ କରିବା ସହ ଅନ୍ୟ କୌଣସି ଜମିରେ ଏହାର ନିର୍ମାଣ କରାଯାଉ ବୋଲି କହିଛନ୍ତି । ପ୍ରାୟ ଶତାଧିକ ଖେଳାଳି ଦସ୍ତଖତ ରହିଥିବା ଏକ ସ୍ମାରକପତ୍ର ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରିଛନ୍ତି । ଏଥିନେଇ ତଦନ୍ତ କରାଯାଇ ପଦକ୍ଷପ ଗ୍ରହଣ କରିବାକୁ ଅଧିନସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ସ୍ୱଞ୍ଜୀ କାରଖାନା ସଂପ୍ରସାରଣ ଜନଶୁଣାଣିରେ ଗ୍ରାମବାସୀଙ୍କୁ ଛାଡି ନିଜ ଶ୍ରମିକଙ୍କୁ ବସେଇ ମତ ନେଇଯିବାରୁ ଅସନ୍ତୋଷ କୁହୁଳୁଛି

ରାଉରକେଲା, ୨୮/୧୦ (ନି.ପ୍ର): ରାଜଗାଙ୍ଗପୁର ସହର ନିକଟ ମାଣ୍ଡିଆକୁଦାର ନିକଟରେ ଥିବା ଅଗ୍ରସେନ ସ୍ୱଞ୍ଜ କାରଖାନାର ଉତ୍ପାଦନ କ୍ଷମତା ବଢାଇବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୨୪ ତାରିଖରେ କରାଯାଇଥିବା ଏକ ଜନଶୁଣାଣୀରେ ନିକଟରେ ଥିବା ଚୁଙ୍ଗିମାଟୀ ଓ ଆଖପାଖ ଅଁଚଳ ବାସୀଙ୍କୁ ସାମିଲ କରାନଯାଇ କାରଖାନାରେ ଠିକା ଶ୍ରମିକ ଭାବେ କାମ କରୁଥିବା ୨୨ ଜଣ ଶ୍ରମକଙ୍କର କାରଖାନା ସମର୍ଥନରେ ମତ ନିଆଯାଇ ଜନଶୁଣାଣୀ କରାଯାଇଥିବାରୁ ସେହି ଅଁଚଳରେ ଜନଶୁଣାଣୀକୁ ନେଇ ଏବେ ଅସନ୍ତୋଷ କୁହୁଳୁଛି ଓ ଏହା ମୁଖ୍ୟମନ୍ତ୍ରୀ ଅଫିସ ଯାଏ ଜିବ ବୋଲି ଖବର ମିଳିଛି । ଖବରରୁ ପ୍ରକାଶ ଯେ, ଚଳିତ ମାସ ୨୪ ତାରିଖରେ ଏକ ଜନଶୁଣାଣୀ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ତଥା ଜିଲ୍ଲାପାଳଙ୍କ ପ୍ରତିନିଧୀଙ୍କୁ ନେଇ ଚୁଙ୍ଗିମାଟି ପାଖରେ କରାଯାଇଥିଲା, ସେହି ଯାଗାରେ କାରଖାନା ଦ୍ୱାରା ପ୍ରଦ୍ୟୁଷଣରେ ପ୍ରଭାବିତ ହୋଇ ଦୀର୍ଘ ୨୨ ବର୍ଷ ହେଲା ହନ୍ତସନ୍ତ ହେଉଥିବା ଲୋକଙ୍କୁ କହିବାର ସୁଯୋଗ ନଦେଇ ସେହି କାରଖାନାର ଠିକା କର୍ମଚାରୀ ମାନଙ୍କର ମତ ନିଆଯାଇ ଜନଶୁଣାଣୀ କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ କହିବା କଥା ସେମାନଙ୍କ ଅଁଚଳରେ ଏହି କାରଖାନା ହେବା ଠାରୁ ସେମାନେ ଆଉ ସବୁଜିମା ଦେଖିପାରୁନାହାନ୍ତି, ୨୫ଟି ଲିମ୍ବ ଗଛ ଯାହା ସେମାନଙ୍କ ଗାଁରେ ଥିଲା ତାହା ଏହି କାରଖାନାର ପ୍ରଦୁଷଣ ଲାଗି ମରିଗଲା, ଗାଇଗୋରୁ ସବୁ ମରିଯାଉଛନ୍ତି, ଚାଷ ଜମୀରେ ଆଉ ଚାଷ ହେଉନାହିଁ, ଗାଁର ଲୋକେ ନାନା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଛନ୍ତି, ତେଣୁ ଏହି କାରଖାନାକୁ ଆଉ ବଢା ନଯାଇ ବନ୍ଦ କରି ସେମାନଙ୍କୁ ରକ୍ଷା କରାଜିବା ଲାଗି ସେମାନେ ସରକାର ପାଖରେ ସେମାନେ ନିବେଦନ କରିଛନ୍ତି । ସେମାନେ ଆହୁରି କହିଛନ୍ତି ଯେ, କାରଖାନା ଆରମ୍ଭ ବେଳେ ସରକାରୀ ବାବୁ ମାନଙ୍କ ଆଗରେ ଏହି କାରଖାନା ଯାହା କହିଥିଲା ତାହା ପାଳନ କଲାନି, ଉନ୍ନୟନ କାମ ପୁରା ବନ୍ଦ କରିଦେଲା, ଗାଁର କିଛି ପିଲାଙ୍କୁ ଠିକା କାମରେ ରଖିଲା ପରେ ସେମାନେ ରୋଗାକ୍ରାନ୍ତ ହୋଇ ଘରେ ପଡିଛନ୍ତି, ଦିନ ରାତି କାରଖାନାର କଳା ଧୂଆଁରେ ସେମାନଙ୍କ ଜୀବନ ଅନ୍ଧକାର ହୋଇଯାଇଛି, ସେମାନେ ଗତ ସରକାର ବେଳେ ବହୁତ ଥର ସ୍ୱର ଉତୋଳନ କରିଛନ୍ତି କିନ୍ତୁ ଏଠିକାର ସରକାରୀ ବାବୁ ମାନେ ତାକୁ ଚାପିଦେଇଛନ୍ତି । ତେଣୁ ଏହି କାରଖାନାକୁ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ ରାଉରକେଲା ଓ ରାଜଗାଙ୍ଗପୁର ଅଁଚଳରେ ଏହିଭଳି କାରଖାନା ଗୁଡିକର ବ୍ୟାପକ ପ୍ରଦ୍ୟୁଷଣ ଲାଗି ଜଳବାୟୁର ସ୍ଥିତି ମଧ ଖରାପ ରହିଛି, ଏସପିସି ବୋର୍ଡ ର ଭାଷାରେ ଏମ୍ବିଏଂଟ ଏୟାର ସ୍ଥିତି ଭଲ ନାହିଁ, ତେଣୁ ଏଠାରେ ଆଉ ପ୍ରଦ୍ୟୁଷଣକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ରାଉରକେଲାର ପ୍ରଦୁଷଣ ନିୟର୍ନ୍ତଣ ବୋର୍ଡ ଅଧିକାରୀଙ୍କୁ ଏନେଇ ଯୋଗାଯୋଗ କରାଜିବାରୁ ସେ କୌଣସି ଉତର ଦେଇ ନାହାନ୍ତି । ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଗତ ୧୪ ବର୍ଷ ଧରି ଏସପିସି ବୋର୍ଡର ଆକ୍ଟ କୁ ବିରୋଧ କରି ବେଆଇନ ଭାବେ ଜଣେ ଜଣେ ସାଇଁଟିଷ୍ଟଙ୍କ ଯାଗାରେ ଜଣେ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ନେଇ ଚାଲିଥିବାରୁ ଏଭଳି କାରବାର ବଢିଚାଲିଛି ବୋଲି କୁହାଯାଉଛି । ପୂର୍ବରୁ ଜଣେ ଜଙ୍ଗଲ ବିଭାଗ ଅଧିକାରୀ ଏହାର ସଦସ୍ୟ ସଚିବ ଥିବାବେଳେ ବର୍ତମାନ ଗତ ୬ ମାସ ତଳେ ମଧ ଜଣେ ସଦସ୍ୟ ସଚିବ ସେହି ଜଙ୍ଗଲ ବିଭାଗରୁ ଆସିଛନ୍ତି । ତେଣୁ ସେ କିଛି ନବୁଝି ଜିଲ୍ଲାରେ ଥିବା ବାବୁ ମାନଙ୍କର ଲୁଟପାଟ୍ ଓ ବେଆଇନ କାରବାର ଫାଇଲ ଉପରେ ମୋହର ଲଗାଇ ଦେଉଛନ୍ତି ଓ ଏହା ଦ୍ୱରା ଲୋକେ ହନ୍ତସନ୍ତ ହେଉଛନ୍ତି । ଏଭଳି କାରବାର ନବୀନ ସରକାର ସମୟରେ ଚାଲିଥିଲା, ଆଶା କରାଯାଉଥିଲା ଏହା ମୋହନ ସରକାରରେ ବଦଳିବ କିନ୍ତୁ ସେଥିରେ କିଛି ପରିବର୍ତନ ହୋଇନାହିଁ, ରାଜ୍ୟ ମୁଖ୍ୟଶାସନ ସଚିବ ଏହି ବିଭାଗର ଚେୟାରମ୍ୟାନ, ବିଭାଗଟି ସିଧା ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ରହିଛି, ଆଗରୁ ଏହାକୁ ମନ ଇଛା ଚଳାଯାଉଥିଲା ଓ ନିଜ ଉଦେଶ୍ୟ ଚରିତାର୍ଥ କରାଯାଉଥିଲା, ବର୍ତମାନ ମଧ ସେହିଭଳି ଚାଲିଛି, ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବା ସହ ଜଣେ ସାଇଁଟିଷ୍ଟଙ୍କୁ ତୁରନ୍ତ ସଦସ୍ୟ ସଚିବ ଭାବେ ବସାନ୍ତୁ ଓ ଏ ବିଭାଗର ପ୍ରକୃତ ଉଦ୍ଦେଶ୍ୟ ପୁରଣ କରାଜିବା ସହ ଲୋକଙ୍କର ତଥା ପରିବେଶର ମଙ୍ଗଳ ମଙ୍ଗଳ କରାଯାଉ ବୋଲି ମତପ୍ରକାଶ ପାଇଛି ।

## ଭାଷାବିତ୍ କେଦାରନାଥ ମହାପାତ୍ରଙ୍କ ସ୍ମରଣ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଭାଷାବିତ୍ କେଦାରନାଥ ମହାପାତ୍ରଙ୍କ ସ୍ମୃତିଚାରଣ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ବିଦଗ୍ଧ ସାହିତ୍ୟିକ, ଭାଷାବିତ୍ କେଦାରନାଥ ମହାପାତ୍ରଙ୍କ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି । ସାହିତ୍ୟ, ସଂସ୍କୃତି ଏବଂ ସମାଜ କଲ୍ୟାଣ କ୍ଷେତ୍ରରେ ତାଙ୍କର ଭୂମିକା ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ।


## ଏସ୍. ଇ. ରେଳବାଇ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର - ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । ଉଲ୍ଲେଖିତ ତାରିଖରେ **୧୫:୦୦ ଘଣ୍ଟା** ପୂର୍ବରୁ ଏବଂ **୧୫:୩୦ ଘଣ୍ଟାରେ ଖୋଲାଯିବ । : ଏସଆଇ ନମ୍ବର; ଟେଣ୍ଡର ନୋଟିସ ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମଡି ଏବଂ ଖୋଲିବାର ତାରିଖ ଯଥାକ୍ରମେ: ୧) TRD-KGP-W-୨୦୨୫-୨୬-୨୭ ତାରିଖ: ୨୪.୧୦.୨୦୨୫;** ପାଂସକୁରା ୟାର୍ଡ: ୟୁପି ଲାଇନରେ ପିଏସଆର ୭୫ କିଲୋମିଟର ପ୍ରତି ଘଣ୍ଟା, ଡିଏନ ଲାଇନରେ ୧୧୦ କିଲୋମିଟର ପ୍ରତି ଘଣ୍ଟା, ଏମଆଇଡି ଲାଇନରେ ୧୧୦ କିଲୋମିଟର ପ୍ରତି ଘଣ୍ଟା, ପିକେୟୁ ପୂର୍ବ ବାହ୍ୟ ୟାର୍ଡ ଏବଂ ପାଉଁସକୁରା-ରଘୁନାଥବାରୀରୁ ଖଡ଼ଗପୁର ପର୍ଯ୍ୟନ୍ତ ଲେଆଉଟ୍ ସଂଶୋଧନ ସହିତ, ଡ୍ରେନେଜ୍ ସିଷ୍ଟମର ଉନ୍ନତି; ୨,୮୩,୮୩,୨୧୭.୬୮ ଟଙ୍କା; ଟଙ୍କା. ୨,୯୧,୯୦୦.୦୦; ୨୦.୧୧.୨୦୨୫ । **(୨) TRD-KGP-W-2025-26- 04RT2 ତାରିଖ: ୨୪.୧୦.୨୦୨୫;** ୧. ବେଲଦା: ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡା ଫୁଟ ଓଭର ବ୍ରିଜ୍ (FOB) ବ୍ୟବସ୍ଥା, ୨. ଜଳେଶ୍ୱର: ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡା ଫୁଟ ଓଭର ବ୍ରିଜ୍ (FOB) ବ୍ୟବସ୍ଥା, ୩. ଘାଟସିଲା: ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡା ଫୁଟ ଓଭର ବ୍ରିଜ୍ (FOB) ବ୍ୟବସ୍ଥା ଏବଂ ୪. ଝାରଗ୍ରାମ: ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡା ଫୁଟ ଓଭର ବ୍ରିଜ୍ (FOB) ବ୍ୟବସ୍ଥା; ୧,୪୪,୩୮,୫୧୧.୮୦ ଟଙ୍କା; ୨,୨୨,୨୦୦.୦୦ ଟଙ୍କା; ୨୧.୧୧.୨୦୨୫ । **(୩); TRD-KGP-W-2025-26- 02RT3 ତାରିଖ: ୨୪.୧୦.୨୦୨୫;** ସାନ୍ତ୍ରାଗାଛି: SRC କୋଚିଂ ୟାର୍ଡର ରିସେପ୍ସନ ୟାର୍ଡରେ ପୂର୍ଣ୍ଣ ଲମ୍ବ LHB ରେକଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବ୍ୟବସ୍ଥା ସହିତ ୦୨ ଲାଇନର ଲମ୍ବ ବୃଦ୍ଧି ଏବଂ ପିଟ୍ ସମ୍ପ୍ରସାରଣ; ୦୪ ଷ୍ଟାବିଲିଂ ଲାଇନ ଏବଂ ୦୩ ପିଆଇଟି ଲାଇନ ଏବଂ ରେକ ୟାର୍ଡ SRCରେ CAT କାର୍ଯ୍ୟ ସହିତ; ୮୭,୨୧,୦୧୮.୦୦ ଟଙ୍କା; ୧,୭୪,୪୦୦.୦୦ ଟଙ୍କା; ୨୫.୧୧.୨୦୨୫; **(୪); TRD-KGP-W-2025-26- 21RT ତାରିଖ: ୨୪.୧୦.୨୦୨୫;** ପଦ୍ମପୁକୁର- ଲାଇନ ନମ୍ବର ୧୦ ପାଖରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ଏବଂ ଡେଡ୍ ଏଣ୍ଡ ଲାଇନ ନମ୍ବର ୧୦କୁ ଉଭୟ ପାର୍ଶ୍ୱ ପ୍ରବେଶ ଏବଂ ପ୍ରସ୍ଥାନ ସୁବିଧା ସହିତ ଲୁପ୍ ଲାଇନରେ ପରିବର୍ତ୍ତନ କରିବା ପାଇଁ ୟାର୍ଡ ପରିବର୍ତ୍ତନ ଏବଂ କୋଚିଂ ଫିଟ୍ ପାଇଁ ଏଲ ନମ୍ବର - ୬ର ଉଭୟ ପାର୍ଶ୍ୱରେ ୮.୫ କ୍ରସ-ଓଭରରେ ୧କୁ ୧୨ରେ ୧ରେ ପରିବର୍ତ୍ତନ କରିବା (ପଦ୍ମପୁକୁର ୟାର୍ଡର ଲାଇନ ନମ୍ବର ୬ର ଉଭୟ ପାର୍ଶ୍ୱରେ ୮.୫ କ୍ରସ-ଓଭରରେ ୧କୁ ୧୨ରେ ୧ରେ ପରିବର୍ତ୍ତନ କରିବା, ଲାଇନ ନମ୍ବର ୧୦ ପାଖରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ଏବଂ ପଦ୍ମପୁକୁର ୟାର୍ଡରେ ଉଭୟ ପାର୍ଶ୍ୱ ପ୍ରବେଶ ଏବଂ ପ୍ରସ୍ଥାନ ସୁବିଧା ସହିତ ଲାଇନ୍ ନମ୍ବର ୧୦କୁ ପୂର୍ଣ୍ଣ ଲମ୍ବ ଲୁପ୍ ଲାଇନରେ ପରିବର୍ତ୍ତନ କରିବା ଏବଂ AT ର ବ୍ୟବସ୍ଥା); ଟଙ୍କା. ୧,୦୮,୦୫,୯୧୮.୩୦; ଟଙ୍କା. ୨,୦୪,୦୦୦.୦୦; ୨୭.୧୧.୨୦୨୫. **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ (କ୍ରମ ସଂଖ୍ୟା ୧ ରୁ ୪ ପାଇଁ); **ସମାପ୍ତି ଅବଧି:** ୧୨ (ବାର) ମାସ (କ୍ରମାଙ୍କ ୧ ରୁ ୪ ପାଇଁ); **ଦାଖଲ ତାରିଖ:** ୨୦.୧୧. ୨୦୨୫ (କ୍ରମାଙ୍କ ୧ ପାଇଁ) ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ, ୨୧.୧୧. ୨୦୨୫ (କ୍ରମାଙ୍କ ୨ ପାଇଁ) ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ, ୨୫.୧୧. ୨୦୨୫ (କ୍ରମାଙ୍କ ୩ ପାଇଁ) ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ ୨୭.୧୧.୨୦୨୫ (କ୍ରମାଙ୍କ ୪ ପାଇଁ) ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**PR-775**


## ମୟୂରୀ ଥିମ୍ ସଙ୍ଗ ଲୋକାର୍ପିତ: ଗୀତ ସଂଗୀତ ଓ ଗାୟନ ଶୈଳୀ ଉପସ୍ଥିତ ଦର୍ଶକଙ୍କ ପ୍ରଶଂସା



ବାରିପଦା , ୨୮/୧୦ (ନି.ପ୍ର): ସ୍ଥାନୀୟ ଷ୍ଟାଡିୟମ କନଫରେନ୍ସ ହଲରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ଥିମ୍ ସଙ୍ଗ ଭରପୁର ଦର୍ଶକ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି । ମହୋତ୍ସବ କମିଟି ଆନୁକୂଲ୍ୟ ରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ କମିଟି ର କାର୍ଯ୍ୟକାରୀ ସଭାପତି ତଥା ଏମପିସି ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଡଃ ବନଜା ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଏମ୍ ଏସ ସି ବି ବିଶ୍ୱ ବିଦ୍ୟାଳୟ ର କୁଳପତି ଡ଼ଃ ପ୍ରମୋଦ କୁମାର ଶତପଥି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବାରିପଦା ଉପ ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍ଓ ଡାକ୍ତର କେ ସି ମହାନ୍ତି ଯୋଗ ଦେଇଥିଲେ । ସଂସ୍କାର ଶିଶୁ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ତଥା ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଶିଶୁ ମହୋତ୍ସବର ଆୟୋଜକ ତଥା ପ୍ରାଣ ପ୍ରତିଷ୍ଠାତା ଗୀତିକାର ସଞ୍ଜୟ କୁମାର ଚୌଧୁରୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ କୁମାର ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ । କମିଟି ର ଉପଦେଷ୍ଟା ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ଡଃ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିଶୁ ନୃତ୍ୟ ଶିଳ୍ପୀ ଆୟୁକ୍ତା ତ୍ରିପାଠୀ ନୃତ୍ୟ ପ୍ରଦର୍ଶନ କରି ଥିଲେ । ଏହି ଅବସରରେ ମୟୂରୀର ଶୀର୍ଷକ ସଙ୍ଗୀତର ଅଡିଓ ଭର୍ସନ ପରିବେଷଣ ପୂର୍ବକ ଲୋକାର୍ପିତ କରାଯାଇଥିଲା । ଏହି ଥିମ ସଙ୍ଗ ରେ କି ବୋର୍ଡ ଓ ରିଦିମରେ ଅଂଶ ଗ୍ରହଣ କରିଥିବା ବାଦ୍ୟ ଶିଳ୍ପୀ ବିଭୁତି ଭୂଷଣ ବେହେରା ଓ ସେକ ସରଫତୁଲ୍ଲା ଙ୍କୁ ସମ୍ବର୍ଦ୍ଧିତ କରା ଯାଇ ଥିବା ବେଳେ କଣ୍ଠ ଶିଳ୍ପୀ ହିମାଦ୍ରୀ ତନୟା, ଶୁଭମ ମାଇତି, ଆରାଧ୍ୟା ସିଂହ, ତନିଷା ମହାନ୍ତି, ଜହ୍ନବୀ ନାଏକ, ଜ୍ୟୋତିରାଦିତ୍ୟ ଜେନା, ସ୍ମିତ ପ୍ରଜ୍ଞା ଜେନା ଓ ଆୟୁକ୍ତା ତ୍ରିପାଠୀ ଙ୍କୁ ସ୍ୱତନ୍ତ୍ର ଭାବେ ମେଡଲ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଗୀତଟିକୁ ଶୁଣିବା ପରେ ଦର୍ଶକ ସ୍ୱତଃ ପ୍ରବୃତ୍ତ ଭାବରେ ପ୍ରଶଂସା ନ କରି ରହି ପାରି ନ ଥିଲେ ।ଶେଷରେ କବି ଗୋପାଳ ସାଓ ଧନ୍ୟବାଦ ଦେଇ ଥିଲେ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଆଇନଜୀବୀ ସୁଜାତା ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଗଣେଶ୍ୱର ଭୋଇ, ଅବସର ପ୍ରାପ୍ତା ଅଧ୍ୟକ୍ଷା ଡଃ ଅଳକା ମଞ୍ଜରୀ ଭୂୟାଁ, ଅବସର ପ୍ରାପ୍ତା ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ଇଂ ସୁନିଲ କୁମାର ପ୍ରଧାନ, ଅବସର ପ୍ରାପ୍ତ ପୁଲିସ ଅଧିକାରୀ ଡି କେ ମିଶ୍ର, ଅବସର ପ୍ରାପ୍ତ ଅଧ୍ୟକ୍ଷ ଡଃ ହରିହର ଦାସ,ରଜନୀ ବାରିକ , କୈବଲ୍ୟ ପ୍ରସାଦ ମହାପାତ୍ର, ବାସନ୍ତୀଲତା ମହାପାତ୍ର, ବୈଜୟନ୍ତି ମାଲା ପାଲ , ସମାଜସେବୀ ବିରଜା ଦେବୀ, ଅବସର ପ୍ରାପ୍ତା ସିଡ଼ିପିଓ ପ୍ରିତିସୁଧା ତ୍ରିପାଠୀ, , ଡଃ ପଣ୍ଡା, ଆଇନଜୀବୀ ସସ୍ମିତା ଦେ, ଆଇନଜୀବୀ କାବେରୀ ମିଶ୍ର, ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଷ୍ଠାନର ନିର୍ଦ୍ଦେଶିକା ପ୍ରଣତି ପଟ୍ଟନାୟକ, ସୁଧାମୟୀ ଦାସ, ଇତିଶ୍ରୀ ସାହୁ, ରେଣୁବାଳା ରଥ, ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ଜେନା, ଅଶୋକ ମଣ୍ଡଳ, ଅଜିତ ପାତ୍ର ଙ୍କ ସମେତ କମିଟିର ମହୋତ୍ସବର ସମସ୍ତ ସଦସ୍ୟ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ । ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୃତି ମାଇତି, ରଶ୍ମୀରେଖା ମହାପାତ୍ର, ପ୍ରାଚିତା ମହାନ୍ତ, ବର୍ଷା ପ୍ରିୟଦର୍ଶିନୀ, ଚିନ୍ମୟ ଷଡ଼ଙ୍ଗୀ, କିଟକ ବେହେରା, କମଳ ଲୋଚନ ମହାକୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ସିଂଲା ପତଞ୍ଜଳି ଯୋଗ କେନ୍ଦ୍ରର ତୃତୀୟ ବାର୍ଷିକୋତ୍ସବ ସମ୍ପନ୍ନ




ବାଲିଆପାଳ, ୨୮/୧୦ (ନି.ପ୍ର): ଅକ୍ଟୋବର ୨୭ ତାରିଖ ସୋମବାର ଦିନ ବାଲେଶ୍ୱର ଜିଲ୍ଲା ସିଂଲାର 'ଆଛୁଆପଦା' ଠାରେ ସିଂଲା ପତଞ୍ଜଳି ଯୋଗ କେନ୍ଦ୍ରର ୩ୟ ବାର୍ଷିକ ଉତ୍ସବ ଏକ ଯୋଗମୟ ଶାନ୍ତ ବୌଦ୍ଧିକ ପରିବେଶରେ ସମ୍ପନ୍ନ ହୋଇଛି । ଏହି ସମାରୋହରେ ସିଂଲା ସମେତ ବସ୍ତା ଓ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଚାଲୁଥିବା ପତଞ୍ଜଳି ଯୋଗ କେନ୍ଦ୍ରମାନଙ୍କରୁ ଶତାଧିକ ଯୋଗାଭ୍ୟାସୀ ମହିଳା ପୁରୁଷ ଏକତ୍ରିତ ହୋଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତଞ୍ଜଳି ଯୋଗ ସମିତିର ଓଡ଼ିଶା ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ବାବା ରାମଦେବଙ୍କ ସଂକଳିତ ଆଠଟି ପ୍ରଣାୟାମ କରାଇବା ସହ ମାନବ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ପ୍ରାଞ୍ଜଳ ଭାବେ ବୁଝେଇ ଥିଲେ । ଯୋଗ କଲେ ରୋଗ ରହେ ନାହିଁ । ହୋଇଥିଲେ ଭଲ ହୋଇଥାଏ ଓ ହୋଇ ନ ଥିଲେ କେବେ ହୁଏ ନାହିଁ । ଠିକ୍ ସମୟରେ ଓ ଠିକ୍ ଖାଦ୍ୟ ଖାଇଲେ ତାହା ଔଷଧ ଭଳି କାମ କରେ ବା ଶାସ୍ତ୍ରାନୁସାରେ 'କାଳ ଭୋଜନମ୍ ଆରୋଗ୍ୟ କାରଣମ୍' ବୋଲି ବୁଝେଇ ଥିଲେ । ଜୀରା ଧଣିଆ ପାନମହୁରୀ ମେଥି ଜୁଆଣି ଭଳି ସାଧାରଣ ମସଲା ଦ୍ୱାରା ବିଭିନ୍ନ ମାରାତ୍ମକ ରୋଗରୁ ଉଦ୍ଧାର ପାଇବାର ଉପାୟ କହିବା ସହ ପ୍ରତ୍ୟେକ ଦିନ ଘୃତାହୁତି ଦେଇ ଯଜ୍ଞ କଲେ ନିଜ ଘର ସହ ଆଖପାଖ ପରିବେଶରୁ ନକାରାତ୍ମକ ଶକ୍ତିର ବିନାଶ ହୁଏ ବୋଲି ବୁଝେଇ ଥିଲେ । ଶ୍ରୀ ଅଧିକାରୀଙ୍କ ସହ ରାଜ୍ୟ କିଷାନ୍ (ଚାଷୀ) ପ୍ରଭାରୀ ସ୍ୱୟଂ ପ୍ରକାଶ ଜ୍ୟୋତି ରଞ୍ଜନ ମହାପାତ୍ର, ଭାରତ ସ୍ୱାଭିମାନର ବାଲେଶ୍ୱର ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳ, ଜିଲ୍ଲା ମହିଳା ପ୍ରଭାରୀ ଯଶୋମତୀ ଶିଅଳ, ଜିଲ୍ଲା ଯୋଗ ପ୍ରଭାରୀ ମନୋଜ କୁମାର ଦେ (କୁନା ଭାଇ), ଜିଲ୍ଲା କିଷାନ୍ ପ୍ରଭାରୀ ଅକ୍ଷୟ ସାହୁ, ପତଞ୍ଜଳି ଜିଲ୍ଲା ମିଡିଆ ପ୍ରଭାରୀ ଗୋପ ଗୋବିନ୍ଦ ମଲ୍ଲିକ ଓ ଯୁବ ଭାରତ ଜିଲ୍ଲା ସହ ପ୍ରଭାରୀ ଭକ୍ତ ବତ୍ସଳ ଦଲେଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ପୁଣ୍ୟ ଅବସରରେ ବାଲିଆପାଳ ଓ ବସ୍ତା ବ୍ଲକର ୨୫ ଜଣଙ୍କୁ ପତଞ୍ଜଳି ଯୋଗ ସମିତିର ସହକାରୀ ଯୋଗ ଶିକ୍ଷକ ପ୍ରମାଣ ପତ୍ର ରାଜ୍ୟ ଓ ଜିଲ୍ଲା ପ୍ରଭାରୀଙ୍କ ମାଧ୍ୟମରେ ପ୍ରଦାନ କରା ଯାଇଥିଲା । ବିଶେଷ ଉଲ୍ଲେଖନୀୟ ବିଷୟ ଯେ ପତଞ୍ଜଳି ଯୋଗ ସମିତି ହରିଦ୍ୱାରର ପ୍ରିନ୍ସିପାଲ୍ (ମୁଖ୍ୟ) ଯୋଗ ଶିକ୍ଷକ ପ୍ରମାଣ ପତ୍ର ଜଣେ ମାତ୍ର ବାଲିଆପାଳ ବ୍ଲକ ଖାଳମୁହାଣୀ ଗ୍ରାମର ବିଶ୍ୱ ରଞ୍ଜନ ଗିରିଙ୍କୁ ଶ୍ରୀ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରା ଯାଇଥିଲା । ପ୍ରକାଶ ଯୋଗ୍ୟ ଯେ ବିଶ୍ୱ ରଞ୍ଜନ ସାକ୍ଷାତରେ ସ୍ୱାମୀ ରାମଦେବଙ୍କ ସାନ୍ନିଧ୍ୟରେ ସାତ ଦିନର ଯୋଗାଭ୍ୟାସ କରି ଏହି ଯୋଗ୍ୟତା ହାସଲ କରିଛନ୍ତି । ବାର୍ଷିକ ଉତ୍ସବର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବସନ୍ତ କୁମାର ଦାସ (ବସନ୍ତ ସା)ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇ ଥିଲା । ତାଙ୍କ ସହ ଅନ୍ତର୍ଯ୍ୟାମୀ ସାମନ୍ତରାୟ, ସଞ୍ଜୀବ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ମହେଶ ପାଲ, ଅମୂଲ୍ୟ କୁମାର ସାହୁ, କାହ୍ନୁ ଚରଣ ଗିରି, ଅଶୋକ କୁମାର ଦାସ, ତପନ କୁମାର ସାହୁ, କବିତା ସାହୁ, ଭାରତୀ ସାହୁ ଓ କାକଳୀ ସାମନ୍ତରାୟ ପ୍ରମୁଖ ପ୍ରତ୍ୟକ୍ଷ ସହଯୋଗିତାରେ ଥିଲେ ବୋଲି ସୂଚନା ମିଳିଛି । ଏହି ସମାବେଶ ଅବସରରେ ବସ୍ତା ବ୍ଲକର ଦରଡ଼ା ପତଞ୍ଜଳି ଯୋଗ ସମିତିର ୪ ଜଣ କିଶୋରୀ ଯୋଗ ଶିକ୍ଷାର୍ଥୀ ଭିନ୍ନ ଭିନ୍ନ ଯୋଗାସନ ସମ୍ମିଳିତ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ପ୍ରଶଂସା ଭାଜନ ହୋଇଛନ୍ତି ।

## ସୁବର୍ଣ୍ଣରେଖା ସୁଅରେ ଭାସିଯାଇ ବୃଦ୍ଧ ମୃତ୍ୟୁ

ବେତନଟୀ, ୨୮/୧୦ (ନି.ପ୍ର): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ କିଶାନତାଣ୍ଡି ନିକଟରେ ସୁବର୍ଣ୍ଣରେଖା କେନାଲକୁ ମଙ୍ଗଳବାର ପୂର୍ବାହ୍ନରେ ଶୌଚହେବାକୁ ଯାଇଥିବା ଜନୈକ ବୃଦ୍ଧ ପ୍ରଖୋର ସୁଅରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି । ମୃତ ବୃଦ୍ଧ ଜଣକ ହେଉଛନ୍ତି ମୋରଡା ଥାନା ଅଧୀନ ଅସ୍ତିଆ ଗ୍ରାମର ହରିହର ଦାସ(୮୫) । ସୂଚନା ମୁତାବକ ବୃଦ୍ଧ ହରିହର ପୁଅ ବିଶ୍ୱରଞ୍ଜନଙ୍କ ସହିତ ବାଇକ ଯୋଗେ ବଡଜାମବଣି ଫାଣ୍ଡି ଅଧୀନ ବାରମାଇଲ ସାପ୍ତାହିକ ହାଟକୁ ସଉଦାପତ୍ର ଅଣିବାଇକୁ ବାଇକଯୋଗେ ଯାଉଥିଲେ । ତେବେ ଝାଡା ଲାଗିବାରୁ ହରିହର କେନାଲ ପର୍ଶ୍ୱକୁ ଯାଇଥିବା ବେଳେ ଶୌଚହେବାକୁ କେନାଲ ଭିତରକୁ ଯାଇଥିଲେ ଓ କେନାଲ ପାଣିର ପ୍ରଖୋର ସୁଅରେ ଭାରସାମ୍ୟ ରକ୍ଷା କରିନପାରି ବୃଦ୍ଧ ହରିହର ଭାସିଯାଇଥିଲେ । ପାଖରେ ଜଗିଥିବା ପୁଅ ବିଶ୍ୱରଞ୍ଜନ ଡାକ ପକାଇବାରୁ ସ୍ଥାନୀୟଲୋକେ ଦୌଡିଯାଇଥିଲେ । ହରିହରଙ୍କୁ ଉଦ୍ଧାରକରି କିଷାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବଡଜାମବଣି ଫାଣ୍ଡିଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ କିଷାନତାଣ୍ଡି ଡାକ୍ତରଖାନାରେ ପହଞ୍ଚି ୫୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ ପୂର୍ବକ ପଞ୍ଚନାମା ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଶବବ୍ୟବଚ୍ଛେଦ କରାଇଛନ୍ତି ।


**GOVERNMENT OF ODISHA**
**Office of the Superintending Engineer**
**Kanupur Rehabilitation, Campus & Building Division,**
**AT/PO- Basudevpur, Dist- Keonjhar, PIN- 758047**
**e-PROCUREMENT NOTICE**
**Bid Identification No. SE, KRC & BD- 16/2025-26**
**Email- eekrcbdbasudevpur@gmail.com**

| Sl. No | Name of work | Approx value of work. (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Extension of drain near the Pond, Raising of drain wall at lane no-7,6 and construction of 02 no CDs at R&R colony Birikala for the DPs of village Birikala and Gobindpur of KIP". | 53.50 | 53500.00 | 10,000/- | 08(Eight) Calendar months | "B" | Kanupur Reh. Camps & Building Division, At/PO- Basudevpur, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C. & B. Division, Basudevpur, Dist- Keonjhar. | SE, KRC & BD- 16/ 2025-26 | 30.10.25 From 10.00 Hours | 13.11.25 Up to 17.00 Hours | 14.11.25 at 11.00 Hours | 13.11.25 Up to 15.00 Hours | O/o the Superintending Engineer Kanupur Reh. C. & B. Division, Basudevpur, Dist- Keonjhar. |

**Superintending Engineer**
**Kanupur Reh., C. & B. Division,**
**Basudevpur**

**OIPR: 46009/11/0006/2526**


### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଜେଡି ସରକାରକୁ ...

କେବଳ କିଛି ଟଙ୍କା ପାଇଁ ନିଜ ଆଦର୍ଶ ଓ ବିଚାରଧାରାକୁ ବିକି ଦେଉଥିବା ଏଭଳି ଅଫିସରଙ୍କ ପାଇଁ ରାଜ୍ୟବାସୀ ମଧ୍ୟ ଚିନ୍ତିତ ହେଉଛନ୍ତି । ତେଣୁ ଯଦି କିଏ ସେଭଳି ଅଫିସରଙ୍କ ସମ୍ପର୍କରେ ଅଛନ୍ତି, ସେମାନଙ୍କୁ ବୁଝାସୁଝା ସହ ସତର୍କ କରାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ଆଉ ଭିଜିଲାନ୍ସ କାହାକୁ ଛାଡ଼ିବ ନାହିଁ କିମ୍ବା କ୍ଷମା ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି । ବିଜେଡି ସରକାରକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ପୂର୍ବ ସରକାର ସମୟରେ ଭିଜିଲାନ୍ସ କେବଳ ତଳିଆ କର୍ମଚାରୀ (ଛୋଟ ମାଛ କେରାଣ୍ଡି ଆଉ ମଉରାଳୀ)ଙ୍କୁ ଧରି ବଡ଼ ଅଧିକାରୀ (ବାଲିଆ ରୋହି ମାଛ)ଙ୍କୁ ଛାଡ଼ି ଦେଉଥିଲେ । ସେମାନଙ୍କ ଦେହରେ ହାତ ମାରିବାକୁ ଭିଜିଲାନ୍ସର ସାହସ ହେଉନଥିଲା । କିନ୍ତୁ ବର୍ତ୍ତମାନର ସରକାର ଭିଜିଲାନ୍ସକୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି । ସୈନିକଙ୍କ ହାତବାନ୍ଧି ଯୁଦ୍ଧ କ୍ଷେତ୍ରକୁ ଛାଡ଼ିଲେ ମୋନଙ୍କର ପରାଜୟ ନିଶ୍ଚିତ । ତେଣୁ ଆମ ସରକାର ଭିଜିଲାନ୍ସକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରିଛନ୍ତି । ଗତ ୧୬ ମାସ ଭିତରେ ଭିଜିଲାନ୍ସରେ ରେକର୍ଡ ପରିମାଣର ସଂସ୍କାର ଆସିଛି । ଆଇଏଏସ ଅଫିସରଠାରୁ ଆରମ୍ଭ କରି ୭ଜଣ ମୁଖ୍ୟ ଯନ୍ତ୍ରୀ , ୫ ତହସିଲଦାର, ୪ ବିଡ଼ିଓ, ୧୦ ପୁଲିସ ଅଧିକାରୀ, ଜଣେ ଡିଏଫ୍ଓ ଓ ଏସିଏଫଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ୩ରେ ପ୍ରଚାର ମଇଦାନକୁ ...

ସାବ୍ୟସ୍ତ ହୋଇପାରେ ବୋଲି ଆକଳନ କରାଯାଉଛି । ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆସନ୍ତା ୩ ଓ ୭ତାରିଖ ଦୁଇଦିନ ନୂଆପଡ଼ା ଗସ୍ତରେ ଯିବାର ସମ୍ଭାବନା ରହିଛି । ନବୀନଙ୍କ ଗସ୍ତବେଳେ ଦଳ ପକ୍ଷରୁ କୋମନା, ନୂଆପଡ଼ା ଓ ଖରିଆର ରୋଡରେ ସାଧାରଣ ସଭାର ଆୟୋଜନ କରାଯିବ । ନବୀନଙ୍କ ଦୁଇଥରର ଗସ୍ତରେ ଦଳ ୪-୫ଟି ସାଧାରଣ ସଭା ସହ ଖରିଆର ରୋଡ୍ କିମ୍ବା ନୂଆପଡ଼ା ଏନଏସି ଅଂଚଳରେ ରୋଡ ଶୋ' ମଧ୍ୟ କରିପାରେ ବୋଲି ସୂଚନା ମିଳିଛି । ନବୀନଙ୍କ ଗସ୍ତରୁ ଯଥାସମ୍ଭବ ଫାଇଦା ଉଠାଇ ଦଳକୁ ପୁଣିଥରେ ଟ୍ରାକକୁ ଫେରାଇ ଆଣିବାକୁ ବିଜେଡି ନେତାମାନେ ଜୋରସୋରରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ନୂଆପଡ଼ାରେ ଦଳର ଶତାଧିକ ରାଜ୍ୟସ୍ତରୀୟ ନେତା ରହିଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ ପରିଚାଳନା ଦାୟିତ୍ୱରେ ସଞ୍ଜୟ ଦାସବର୍ମା ଏବଂ ଦଳୀୟ ପାଣ୍ଠି ଦାୟିତ୍ୱରେ ପ୍ରଣବପ୍ରକାଶ ଦାସ(ବବି) ରହିଥିବା ନବୀନ ନିବାସ ସୂତ୍ରରୁ ଜଣାପଡ଼ିଛି । ବିଜେଡ଼ିର ଅଘୋଷିତ ସର୍ବେସର୍ବା ମଧ୍ୟ ପରଦା ପଛରେ ରହି ଦଳୀୟ ରଣନୀତିକୁ ଚୂଡ଼ାନ୍ତ କରୁଥିବା ଏବଂ ସେହି ଆଧାରରେ ନୂଆପଡ଼ାରେ ଦଳୀୟ ନେତାମାନେ କାର୍ଯ୍ୟ କରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।

## କେନ୍ଦ୍ର କର୍ମଚାରୀଙ୍କୁ ସରକାରଙ୍କ...

ସମସ୍ତ ଜୀବିକା ସମ୍ପ୍ରଦାୟ ମୋବିଲାଇଜର୍ସ ଦିଦିମାନଙ୍କୁ ସ୍ଥାୟୀ କରାଯିବ ଏବଂ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବ । ସେମାନଙ୍କର ଦରମା ପ୍ରତି ମାସ ୩୦,୦୦୦ ଟଙ୍କା ସ୍ଥିର କରାଯିବ । ଏହା ସହିତ, ସେମାନଙ୍କ ଦ୍ୱାରା ନିଆଯାଇଥିବା ଋଣର ସୁଧ ଛାଡ କରାଯିବ ଏବଂ ଦୁଇ ବର୍ଷ ପାଇଁ ସୁଧମୁକ୍ତ ଋଣ ଯୋଗାଇ ଦିଆଯିବ । ଜୀବିକା କ୍ୟାଡରର ଦିଦିମାନେ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ପ୍ରତି ମାସରେ ୨୦୦୦ ଟଙ୍କା ଭତ୍ତା ପାଇବେ । ଏହା ସହିତ, ଜୀବିକା କ୍ୟାଡରର ସଭାପତି ଏବଂ କୋଷାଧ୍ୟକ୍ଷ ମଧ୍ୟ ସମ୍ମାନଜନକ ଦରମା ପାଇବେ । ସମସ୍ତ ଚୁକ୍ତିଭିତ୍ତିକ ଏବଂ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରାଯିବ । ରାଜ୍ୟରେ ପୁରୁଣା ପେନସନ ସ୍କିମ ଲାଗୁ କରାଯିବ । ୧ ଡିସେମ୍ବରରୁ ମହିଳାମାନଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦିଆଯିବ ।

## ଲାଞ୍ଚ ନେଉଥିବା ...

ଲାଞ୍ଚ ନ ମିଳିଲେ, ସେ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଧମକ ଦେଇଥିଲେ । ଅଭିଯୋଗକାରୀ ଏତେ ଟଙ୍କା ଦେବାକୁ ଅସମର୍ଥ ହେବାରୁ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଏ ନେଇ ଜଣାଇଥିଲେ । ମଙ୍ଗଳବାର ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା ଏବଂ ଉଭୟ ଦୋରା ଓ ଅମାତ୍ୟଙ୍କୁ ଅଭିଯୋଗକାରୀଙ୍କଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲା । ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି । ଏଏସଆଇ ଦୋରାଙ୍କ ବିଭିନ୍ନ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଏକକାଳୀନ ଚଢ଼ାଉ ଜାରି ରହିଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ତଦନ୍ତ ଚାଲିଛି ।

## ନିର୍ବାଚନ ପୂର୍ବରୁ ପ୍ରଶାନ୍ତ କିଶୋର ...

୨୦୨୫ରେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ଅନୁଯାୟୀ, ବିହାର ରାଜ୍ୟର ଭୋଟର ତାଲିକା ଏବଂ ପଶ୍ଚିମବଙ୍ଗର ଭୋଟର ତାଲିକାରେ ଆପଣଙ୍କ ନାମ ତାଲିକାଭୁକ୍ତ । ପ୍ରକାଶିତ ଖବର ଅନୁଯାୟୀ, ଆପଣଙ୍କ ନାମ ପଶ୍ଚିମବଙ୍ଗର ଭବାନୀପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସେଣ୍ଟ ହେଲେନ୍ ସ୍କୁଲ, ବି. ରାଣୀଶଙ୍କରୀ ଲେନ୍, ଭୋଟିଂ ଷ୍ଟେସନରେ ତାଲିକାଭୁକ୍ତ । ଏହା ସହିତ, ଆପଣଙ୍କ ନାମ ୨୦୯- କାରଗାହାର ବିଧାନସଭା ନିର୍ବାଚନମଣ୍ଡଳୀର କ୍ରମିକ ନମ୍ବର ୬୨୧, ଭାଗ ନମ୍ବର ୩୬୭ (ମଧ୍ୟ ବିଦ୍ୟାଳୟ, କୋନାର, ଉପର ଡିଭିଜନ)ରେ ତାଲିକାଭୁକ୍ତ । କରଗାହାର ନିର୍ବାଚନମଣ୍ଡଳୀ ପାଇଁ ଆପଣଙ୍କର ଭୋଟର ପରିଚୟପତ୍ର ନମ୍ବର ହେଉଛି **IUI3123718** । ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୧୭ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ଏକରୁ ଅଧିକ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ କରାଯିବ ନାହିଁ । ଉଲ୍ଲଂଘନ କ୍ଷେତ୍ରରେ ଲୋକପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୩୧ରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜରିମାନା, କିମ୍ବା ଉଭୟ । ଦୟାକରି ନିଶ୍ଚିତ କରନ୍ତୁ ଯେ ଆପଣ ତିନି ଦିନ ମଧ୍ୟରେ ଏକରୁ ଅଧିକ ନିର୍ବାଚନମଣ୍ଡଳୀରେ ଆପଣଙ୍କ ନାମ ତାଲିକାଭୁକ୍ତ ହେବା ସମ୍ପର୍କରେ ଆପଣଙ୍କ ମାମଲା ଉପସ୍ଥାପନ କରନ୍ତୁ ।'

## ବେତନଟୀ ଅବକାରୀ ଥାନା ପକ୍ଷରୁ ଦେଶିମଦ କାରଖାନା ଉପରେ ଚଢାଉ

ବେତନଟୀ,୨୮/୧୦(ନି.ପ୍ର) : ବେତନଟୀ ଅବକାରୀ ଥାନା ପକ୍ଷରୁ ବଡ଼ସାହି ଥାନା ଅଧୀନ ଅସ୍ତଝରଣ ଏବଂ କମଳାଶୋଳ ଠାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ବେତନଟୀ ଅବକାରୀ ଥାନା ପକ୍ଷରୁ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ମିଳିତ ଚଢାଉ କରଯାଇ ମଙ୍ଗଳବାର ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଏବଂ ମଦପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରାଯାଇଛି । ସୂଚନା ମୁତାବକ ଅସ୍ତଝରଣ ଏବଂ କମଳାଶୋଳ ଇଲାକାରେ ଚୋରା ଦେଶମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଜିଲ୍ଲା ମୋବାଇଲ ୟୁନିଟ ସମେତ ଖୁଣ୍ଟା ଏବଂ ଉଦଳା ଅବକାରୀ ଟିମ ସହାୟତାରେ ସଶସ୍ତ୍ର ପୁଲିସଫୋର୍ସ ନେଇ ଅତର୍କିତ ଚଢାଉ କରାଯାଇଥିଲା । ଚଢାଉ ସମୟରେ ମଦମାଫିଆ ମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିଥିବା ବେଳେ ଉଭୟସ୍ଥାନରୁ ସର୍ବମୋଟ ୯ହଜାର ୨ଶହ କିଲୋଗ୍ରାମ ଓଜନର ମହୁଲପୋଚ ସମେତ ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୮ଶହ ୪୦ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହିତ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ମଧ୍ୟ ଭାଙ୍ଗିରୁଜି ନଷ୍ଟ କରାଯାଇଥିଲା । ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେକଚି, ଗଗରା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତକରି ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖାଯାଇଛି ।

## ଗିରଫ ହେଲା ଜାହାଜ




ପାରାଦୀପ, ୨୮/୧୦ (ନି.ପ୍ର): ପୁଣି ଥରେ ଗିରଫ ହେଲା ଆଉ ଏକ ଜାହାଜ । ପାରାଦୀପ ବନ୍ଦରରେ ଥିବା ଏକ ଜାହାଜ ଏମ୍. ଭି. ମ୍ୟାଗ୍ନେଟ୍ ଟିମ୍‌କୁ ଗିରଫ କରିବା ପାଇଁ ମାନ୍ୟବର ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଥିଲେ । ରୁଷିଆରୁ କୁକିଙ୍ଗ କୋଲ୍ ନେଇ ଆସିଥିଲା ଏହି ଜାହାଜ । ଏହି ଜାହାଜ ଉପରେ ୨କୋଟି ୧୧ଲକ୍ଷ ୮୨ ହଜାର ୬୫୬ଟଙ୍କା ବକେୟା ରହିଥିଲା । ଏହି ଟଙ୍କା ନଦେବାରୁ ସିଲ୍କ ରୋଡ୍ ସିପିଂ ଆଣ୍ଡ ଚାର୍ଟରିଂ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟର ବିଚାରପତି ତଥା ଆଡ୍‌ମିରାଲିଟି ଜଷ୍ଟିସ୍ ଭି. ନରସିଂହ ଗତକାଲି ମାମଲାର ତ୍ୱରିତ ବିଚାର କରି ଜାହାଜକୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ଏହି ଜାହାଜକୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଏଥିସହ ଜାହାଜର ମାଲିକଙ୍କୁ ମଧ୍ୟ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଡିସେମ୍ବର ପହିଲାରେ ମାମଲାର ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ ଜାହାଜ ପାରାଦ୍ୱୀପ ବନ୍ଦରର ଆଙ୍କରେଜ ରେ ରହିବ । ଆବେଦନକାରୀ ସଂସ୍ଥା ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ କରାଯିବା ସହିତ ଯଦି ଜାହାଜକୁ ତୁରନ୍ତ ଗିରଫ କରା ନଯାଇଥିଲେ ଜାହାଜ ମଙ୍ଗଳବାର ପାରାଦୀପ ବନ୍ଦର ଛାଡ଼ି ଦେବାର ସମ୍ଭାବନା ରହିଥିଲା । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି, ଅଭିଯୋଗର ପ୍ରାଥମିକ ପ୍ରମାଣ ଥିବା ଜାଣିବାକୁ ପାଇବା ପରେ ତୁରନ୍ତ ପାରାଦୀପ ବନ୍ଦରରେ ଜାହାଜକୁ ଗିରଫ କରିବା ପାଇଁ ହାଇକୋର୍ଟ ଅନ୍ତରୀଣ ଆଦେଶରେ ନିର୍ଦ୍ଦେଶ ଦେଇଥିଲେ ।

ବୁଧବାର, ଅକ୍ଟୋବର ୨୯, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଦୁର୍ନୀତି ନିବାରଣ ସଚେତନତା ପାଇଁ ଶରତ ଠାରେ ଶପଥ ପାଠ ଉତ୍ସବ

ଉଦଳା, ୨୮/୧୦ (ନି.ପ୍ର): ଦୁର୍ନିତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ କପ୍ତିପଦା ପଂଚାୟତ ସମିତି ଅନ୍ତର୍ଗତ ଶରତ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ମୟୂରଭଂଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ଅକ୍ଟୋବର ୨୭ ତାରିଖ ସୋମବାର ଦିନ ଏଠାରେ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା । ଶିବିରର ପ୍ରାରମ୍ଭରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ଶପଥପାଠ ଉତ୍ସବ କାର୍ଯ୍ୟକ୍ରମରେ ମୟୂରଭଂଜର ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ପ୍ରଶାସକ ନରେନ୍ଦ୍ର ଖମାରି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାୟକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଲକ୍ଷ୍ମୀକାନ୍ତ ପତି, ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ । ପ୍ରକାଶ ଥାଉକି ପ୍ରତିବର୍ଷ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏହିଭଳି ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥାଏ ।



## କାର୍ଯ୍ୟ ଆରମ୍ଭ ନ ହେଉଣୁ ଦୁର୍ନୀତିର ଗନ୍ଧ ବାରି ହେଉଛି

ବୈଶିଙ୍ଗା , ୨୮/୧୦ (ନି.ପ୍ର): 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମରେ ବେତନଟୀ ବ୍ଲକ ଅଧିନରେ ଯେତେ ସବୁ କାର୍ଯ୍ୟ ଚାଲିଛି ସବୁଥିରେ ଦୁର୍ନିତିର ଗନ୍ଧ ବାରି ହୋଇ ପଡୁଥିବାର ଅଭିଯୋଗ ହେଉଛି । ବର୍ତ୍ତମାନ ଶାସକ ବିଜେପି ଯେତେ ବେଳେ ବିରୋଧି ଦଳ ଆସନରେ ଥିଲେ ସେତେବେଳେ କହୁଥିଲେ ଆମେ ସରକାର କୁ ଆସିଲେ ପିସି କୁ ସଂପୂର୍ଣ୍ଣ ମୂଳ ପୋଛ କରିଦେବୁ। ମାତ୍ର ତାହା କିପରି କାର୍ଯ୍ୟକାରୀ ହେଉଛି ତାହା ବେତନଟୀ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ବିକାଶ କାର୍ଯ୍ୟରୁ ଜାଣି ହେବ । ଅନାମଧେୟ କମ୍ପାନୀର ସିମେଣ୍ଟ , ଖରାପ ମେଟାଲ ଏବଂ ମାଟି ମିଶ୍ରିତ ବାଲି ରେ କାର୍ଯ୍ୟକୁ ବିରୋଧ କରିଲେ ବିଡିଓ ମହାଶୟ କହୁଛନ୍ତି, କାର୍ଯ୍ୟକୁ ବିରୋଧ କରିଲେ ଜେଲ ପଠାଇ ଦେବି। ଏହା ମୂଳରେ କଣ କାରଣ ତାହା ଅନୁମାନ କରାଯାଇ ପାରେ। ସନ୍ତରା ପଞ୍ଚାୟତ ଅଧିନ ଇଶାଣପୁର ଗ୍ରାମ ରାସ୍ତା କଂକ୍ରୀଟ ପକ୍କା ରାସ୍ତା ପାଇଁ ତିନି ଲକ୍ଷ ଟଙ୍କା ମଞ୍ଜୁରୀ ପାଇବା ପରେ ସେହି




ଗ୍ରାମର ଗ୍ରାମବାସୀ କାର୍ଯ୍ୟ ନ ପାଇ ବାହାର ଗ୍ରାମର ଲୋକ କାମ କରିବେ କାରଣ ଏହା ବିଭାଗୀୟ ଜେଇ ଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ତେଣୁ ସେ ମନ ଇଚ୍ଛା ଯାହା କରି ପାରିବେ । ବିରୋଧ କରିବା ପରେ ଧମକ ଦିଆଯାଉଛି । ଏଥିରୁ ବିକଶିତ ଗାଁ ବିକଶିତ ଓଡ଼ିଶା କେତେ ଫଳପ୍ରଦ ଅନୁମାନ କରାଯାଇପାରେ ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବେତନଟୀ, ୨୮/୧୦ (ନି.ପ୍ର): ରାସଗୋବିନ୍ଦପୁର ଥାନା ଅଧୀନ ଝରିଆ ଅଞ୍ଚଳର ଜନୈକା ବିବାହିତା ମହିଳା ବାପଘର ବେତନଟୀ ଥାନା ଅଧୀନ ଆମ୍ବଯୋଡା ଉପକଣ୍ଠ ଲିଗାସାହି ଗାଁକୁ ଆସିଥିବା ବେଳେ ସେଠାରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ସନ୍ଦେହଜନକ ମୃତ୍ୟୁରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ପୁଲିସ। ମୃତା ମହିଳା ଜଣକ ହେଉଛନ୍ତି ଝରିଆ ଗ୍ରାମର । ଦୁଇକା ହେମ୍ବ୍ରମର ସ୍ତ୍ରୀ ନୋହା ହେମ୍ବ୍ରମ(୨୭) । ସ୍ୱାମୀ ରୁଇକାଙ୍କ ସୂଚନା ମୁତାବକ ପ୍ରାୟ ସପ୍ତାହକ ପୂର୍ବରୁ କାଳୀପୂଜା ଉପଲକ୍ଷେ ନୋହା ବାପଘରକୁ ଆସିଥିଲେ । ତେବେ ଦୁଇଦିନ ପୂର୍ବରୁ ନୋହାଙ୍କ ପେଟ ଫୁଲି ଯିବା ସହିତ ଯନ୍ତ୍ରଣା ଅନୁଭବ କରିବାରୁ ଔଷଧ କାଇବା ପରେ ସୁସ୍ଥ ହୋଇଯାଇଥିଲେ। ମାତ୍ର ପୁନର୍ବାର ମଙ୍ଗଳବାର ସନ୍ଧ୍ୟାରେ ନୋହାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେକାଦେବା ସହିତ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସଙ୍ଗେସଙ୍ଗେ ଘରଲୋକେ ବେତନଟୀ ଡାକ୍ତରକାନାରେ ଭର୍ତ୍ତି କରିଥିଲେ ସୁଦ୍ଧା କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଡାକ୍ତରକନାର କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ବେତନଟୀ ପୁଲିସ ୫୫ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରିଥିବା ବେଳେ ବୁଧବାର ଶବବ୍ୟବଚ୍ଛେଦ ହେବାନେଇ ବେତନଟୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ନିମ୍ନମାନର ପାଣି ଟାଙ୍କି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଲଙ୍ଗଳେଶ୍ୱର ୨୮/୧୦(ନିପ୍ର) ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି ମାତ୍ର ନିର୍ମାଣ ନିମନ୍ତେ ଯେଉଁ ଠିକାଦାର ଦାଇତ୍ୱ ନେଉଛନ୍ତି ସେମାନେ ଅଧିକ ଲାଭ ପାଇବା ପାଇଁ ନିର୍ମାଣରେ ବ୍ୟବହୃତ ହେଉଥିବା ଅପମିଶ୍ରିତ ବାଲି, ଚିପ୍ସ,କଳଙ୍କି ଲଗା ଲୁହା ରଡ୍ ଲଗାଇ ନିମ୍ନମାନର ପାଣି ଟାଙ୍କି ନିର୍ମାଣ କୁ ବିରୋଧ କରିଛନ୍ତି ଗ୍ରାମବାସୀ। ସୂଚନା ରୁ ପ୍ରକାଶ ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ସାଉଡି ଠାରେ ଉଭରହେଡ୍ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି ବାଲିଆପାଳ ବ୍ଲକ ର ମେଗା ପାନୀୟ ଜଳ ପ୍ରକଳ୍ପ



ନିର୍ମାଣ ପାଇଁ ବ୍ଲୁଷ୍ଟାର କମ୍ପାନୀ ଦାଇତ୍ୱ ନେଇଛି ଏହି କମ୍ପାନୀ ସ୍ଥାନୀୟ ଅଞ୍ଚଳର ଥିବା ଠିକାଦାର ମାନେ ପାଣି ଟାଙ୍କି ନିର୍ମାଣ,ଜଳ ଯୋଗାଣ ପାଇଁ ପାଇପ ବିଛାଇବା ଭଳି କାର୍ଯ୍ୟ ନ୍ୟସ୍ତ କରାଯାଇଛି। ସବୁଠାରୁ ବଡ଼କଥା ଟାଙ୍କି ନିର୍ମାଣରେ ବ୍ୟବହାର ହେଉଥିବା ସାମଗ୍ରୀର ମାନ ଯାଞ୍ଚ କରୁଥିବା ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ କାମ ନିମ୍ନମାନର ହୋଇଥିବାର ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସେହିପରି ଏବେ ବିଭିନ୍ନ ସ୍ଥାନରେ ପାଇପି ବିଛା କାର୍ଯ୍ୟ ହୋଉଛି ତାହା ପୁଣି ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଇ ଦୁଇ ଫୁଟ୍ ତଳେ ପାଇପି ବିଛା ଯାଉଛି। ନିମ୍ନମାନର ପାଣି ଟାଙ୍କି ନିର୍ମାଣ ଓ ପାଇପି ବିଛା କାର୍ଯ୍ୟ ର ଦୁର୍ନିତୀ ର ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିକ୍ରମ ବେହେରା, ଅବିନାଶ ମଲ୍ଲିକ, ଉତ୍ତମ ମଲ୍ଲିକ,ସୁଜନ ବେହେରା, ମନ୍ଦୋଦରୀ ବେହେରା,ମମି ବେହେରା, ଶ୍ରୀଦେବୀ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ନିର୍ମାଣ ଧିନ ସ୍ଥାନରେ ମାନ ଯାଞ୍ଚ କରୁଥିବା ଅଧିକାରୀ ରହୁଛନ୍ତି ଓ କାମ ଠିକ ଠାକ୍ ଚାଲିଥିଲା କଥା ଯନ୍ତ୍ରୀ କହିଛନ୍ତି।

## ଜାହାଜ ଚିଫ ଇଞ୍ଜିନିୟରଙ୍କ ଦେହାନ୍ତ

ପାରାଦୀପ, ୨୮/୧୦ (ନି.ପ୍ର): ପାରାଦୀପ ବନ୍ଦରରେ ଲାଗିଥିବା ଏମଭି ଏସଏସଏଲ ସାବରୀମାଲାଇ ଜାହାଜର ଚିଫ ଇଞ୍ଜିନିଅର ରାମଦୁଲାରି ଯାଦବ ଙ୍କର ୫୭ ବର୍ଷ ବୟସରେ ହୃଦଘାତ ରେ ମୃତ୍ୟୁ ଘଟିଛି ।ମୃତକ ଇଞ୍ଜିନିଅର ଜଣକ ହେଲେ ଉତ୍ତର ପ୍ରଦେଶ, ଲକ୍ଷ୍ନୌ ର ରାମଦୁଲାରୀ ଯାଦବ ।ସେ ଗତ ୨.୫ ମାସ ଧରି ଏହି ଜାହାଜରେ କାମ କରୁଥିଲେ ।ସୂଚନା ଅନୁଯାୟୀ ପିଆଇସିଟି ବର୍ଥ-୨ ରେ ଲୋଡିଂ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଉ କିଛି ସମୟ ମଧ୍ୟରେ ଜାହାଜ ବର୍ଥ ଛାଡ଼ିଥାନ୍ତା। ଜାହାଜର ଏଜେଣ୍ଟ ମେସର୍ସ ଟ୍ରାନ୍ସୱାର୍ଲ୍ଡଙ୍କୁ ମାଷ୍ଟର ସୂଚନା ଦେଇଥିଲେ ଯେ ଜାହାଜରେ ଥିବା ମୁଖ୍ୟ ଇଞ୍ଜିନିୟର, ଶ୍ରୀଯୁକ୍ତ ରାମ ଦୁଲାର ଯାଦବ ଅସୁସ୍ଥ ଅଛନ୍ତି ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯିବା ଆବଶ୍ୟକ।ପରେ ତାଙ୍କୁ ତୁରନ୍ତ ବନ୍ଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ପରୀକ୍ଷା ପରେ, ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏନେଇ ଆଜି ଇଞ୍ଜିନିଅର ଙ୍କର ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଆଜି ରାତି ସୁଦ୍ଧା ଆସି ପାରାଦୀପ ରେ ପହଂଚିବା ନେଇ ଜଣାପଡିଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ପାରାଦୀପ ମଡେଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଦୁଇ ବାଇକ ମୁହାଁମୁହିଁ :୧ ବାଇକ ଆରୋହୀ ମୃତ ଓ ଜଣେ ଗୁରୁତର

ବସ୍ତା, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଜାମଶୂଳି - ଲଙ୍ଗଳେଶ୍ୱର ରାସ୍ତାର ବାହାଦଲପୁର ଠାରେ ଗତ କାଲି ରାତିରେ ଉଭୟ ପଟୁ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହେବାଫଳରେ ଦୁଇଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିବା ଲୋକେ ଦେଖି ସାଙ୍ଗେ ସାଙ୍ଗେ ନିକଟସ୍ଥ ବସ୍ତା ହସ୍ପିଟାଲ କୁ ନେଇଥିଲେ ।ଦୁର୍ଘଟଣା ଗ୍ରସ୍ତ ବାଇକ ଆରୋହୀ ଦୁଇଜଣଙ୍କ ମଧ୍ୟରୁ ଜଣେ ସିଂଲା ଥାନା ନାଇକୁଡ଼ି ପଞ୍ଚାୟତ ଉତ୍ତର ନାଇକୁଡ଼ି ଗ୍ରାମର ଯଦୁନାଥ ଖଟୁଆଙ୍କ ପୁଅ ପ୍ରତାପ ଖଟୁଆ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁଇ



ଜଣକୁ ବସ୍ତାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରତାପର ମୃତ୍ୟୁ ଘଟିଛି। ସେ ଔଷଧ ଆଣିବା ନିମନ୍ତେ ଲଙ୍ଗଳେଶ୍ୱର ଯାଉଥିବାବେଳେ ଅନ୍ୟ ଜଣକର ଘର ନାଇକୁଡ଼ି ପଞ୍ଚାୟତର ସିମୁଳିପାଳ ବୋଲି ଜଣାପଡିଛି । ଖବର ପାଇ ସିଂଲା ଥାନା ଏ ଏସ ଆଇ ଗୋପାଳ ଚନ୍ଦ୍ର ହେମ୍ବ୍ରମ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇ ଥିବା ଜଣାପଡିଛି । ତେବେ ଉଭୟ ବାଇକ ଓଡ଼ି ୦୧ସି ୫୪୦୩ ଏବଂ ଓଡ଼ି ୦୧ ବିଏ ୧୧୫୦ କୁ ପୁଲିସ ଜବତ କରିଛି। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ରେମୁଣାରେ ହେବାକୁ ଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଶୁଭ ଶିଳାନ୍ୟାସ

ରେମୁଣା, ୨୮/୧୦ (ନି.ପ୍ର): ମଙ୍ଗଳବାର ସକାଳ ୧୧ ଘଟିକା ସମୟରେ ରେମୁଣା ଅଚ୍ୟୁତପୁର ଠାରେ ଓଡିଶା ସରକାରଙ୍କ ତରଫରୁ ଅଟକଳ ମୂଲ୍ୟ ୬.୭୪ କୋଟି ଟଙ୍କାରେ ହେବାକୁ ଥିବା ବହୁମୁଖି ଇନ୍-ଡୋର ଷ୍ଟାଡିୟମର ଶୁଭ ଶିଳାନ୍ୟାସ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ହୋଇଥିଲା। ଏହି ଅବସରରେ ପି.ଡବ୍ଲୁ.ଡ଼ି.-୧ ଏସ.ଇ., ଏସ୍.ଡି.ଓ., ଜେ.ଇ., ରେମୁଣା ଏନ.ଏ.ସି. ଏକଜିକ୍ୟୁଟିଭ ଅଫିସର, ରେମୁଣା ତହସିଲଦାର, ଅ.ଆଇ., ଜିଲ୍ଲା କ୍ରୀଡ଼ା ଅଧିକାରୀ, ସ୍ଥାନୀୟ କାଉନସିଲର ଏବଂ ଅନ୍ୟ ମାନ୍ୟଗନ୍ୟ ବ୍ୟକ୍ତି ତଥା ଗ୍ରାମବାସୀଙ୍କ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ଏନ.ଏ.ସି. ସାଂସଦ ପ୍ରତିନିଧି ମହେଶ୍ୱର ପ୍ରଧାନ, ଏନ.ଏ.ସି ବିଧାୟକ ପ୍ରତିନିଧି ଗିରିଧାରୀ ଦାସ, କାଉନସିଲର ଶିବୁନ ରୟ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ହେମଲତା ସେଠୀ, ମିନାକ୍ଷୀ ବେହେରା, ଜୟନ୍ତ ମଣ୍ଡଳ ଇତ୍ୟାଦି ଉପସ୍ଥିତ ଥିଲେ।

## ଧରାପଡ଼ିଲା ତତ୍କାଳୀନ ଆଇଟିଡିଏ ଯନ୍ତ୍ରୀଙ୍କ ତେଲ ଚୋରୀ: ଟଙ୍କା ପୈଠ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୀଳଗିରି, ୨୮/୧୦ (ନି.ପ୍ର): ନୀଳଗିରି ଆଇଟିଡିଏ ବିଭାଗର ତତ୍କାଳୀନ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ଚଳିତବର୍ଷ ଜୁଲାଇ ୩୦ତାରିଖ କାର୍ଯ୍ୟାଳୟରେ ଲାଗିଥିବା ଗାଡିରେ ଡ଼ିଜେଲ ପକାଇବାପାଇଁ ୪୦ଲିଟର ଡିଜେଲ ପରିବର୍ତ୍ତେ ଆମ୍ବୁଡିହା ଠାରେ ଥିବା ପେଟ୍ରୋଲପମ୍ପରୁ ୪୦ଲିଟର ପେଟ୍ରୋଲ ନିଜ ଗାଡ଼ିରେ ପକାଇବା ଓ ଅବଶିଷ୍ଟ ପେଟ୍ରୋଲକୁ ଗାଡି ପଛରେ ରଖିଥିବା ଜାର୍କିନରେ ଭର୍ତ୍ତିକରି ନେଇ ଯାଉଥିବା ବେଳେ ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ତେଲଚୋରି ଜାଲିଆତିର ଗୁମର ସିସି କ୍ୟାମେରାରେ କୟଦ ହୋଇଥିଲା। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରସାରିତ ହେବାପରେ ନିଜକୁ ନିର୍ଦ୍ଦୋଷ ସଜାଇବା ପାଇଁ ଯନ୍ତ୍ରୀ ମହାଶୟ ଜଣକ ନାନା ଫନ୍ଦିଫିକର ରଚିଥିଲେ। ଏପରିକି ସେତେବେଳେ ପେଟ୍ରୋଲ ପମ୍ପର କର୍ମଚାରୀ ଏବଂ ମ୍ୟାନେଜର ବାବୁଙ୍କର ଏପରି କଳାକାରନାମାକୁ ସ୍ୱୀକାର କରିଥିବା ବେଳେ ପରେ ମ୍ୟାନେଜର ଜଣକ ପ୍ରଲୋଭନରେ ହେଉ କିମ୍ବା କାହା ଚାପରେ ହେଉ ମତ ପରିବର୍ତ୍ତନ କରିଥିଲେ। ନୀଳଗିରି ଉପଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତପାଇଁ ନିର୍ଦ୍ଦେଶ ଥିଲାବେଳେ ଉପଜିଲ୍ଲାପାଳ ତଦନ୍ତକରି ଅନିୟମିତତା ହୋଇଥିବା ମ ଧ ସ୍ୱୀକାର କରିଥିଲେ। ତେବେ ଆଇଟିଡିଏ କାର୍ଯ୍ୟାଳୟ ପ୍ରଦତ୍ତ ନାଲି ରସିଦକୁ ଫାଙ୍କି ହଳଦିଆ ରଙ୍ଗର ରସିଦ୍ ଦେଇ ଘୋଟାଲାକୁ ଚପାଇଦେବା ପାଇଁ ଅପଚେଷ୍ଟା କରି ପେଟ୍ରୋଲ ବିଲ୍ ବାବଦ ନିଜ ପକେଟରୁ ଟଙ୍କା ପୈଠକରି ଖସିଯିବାକୁ ଚେଷ୍ଟା କରିଥିବା ଯନ୍ତ୍ରୀ ଉପାଧ୍ୟାୟଙ୍କୁ ଶେଷରେ ଜିଲ୍ଲାପାଳଙ୍କ ଛାଟ ଲାଗିଛି। ବର୍ତ୍ତମାନ ନୀଳଗିରି ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀ ଶ୍ରୀଯୁକ୍ତ ଉପାଧ୍ୟାୟନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅକ୍ଟୋବର ୧୫ତାରିଖ ଚିଠିନଂ ୪୧୨୭ରେ ନିର୍ଦ୍ଦେଶ ଜାରିକରି ତୁରନ୍ତ ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏପର୍ଯ୍ୟନ୍ତ ଟଙ୍କାପୈଠ କରିନଥିବା ଯନ୍ତ୍ରୀ ଜଣକ ନୂତନ କୌଶଳ ଅବଲମ୍ବନ କରୁଥିବା ମନେହେଉଛି। ତେବେ ଯନ୍ତ୍ରୀ ଉପାଧ୍ୟାୟ କେଉଁ ଅଜଣା ବାହୁବଳୀଙ୍କ ଛତ୍ରଛାୟା ତଳେ ରହି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରିଚାଲିଛନ୍ତି ! ସତରେ କଣ ଦୁର୍ନୀତିର ଗୁମର ଖୋଲିବ ? ସରକାରୀ ଅର୍ଥ ଚଳୁ କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାକୁ ସମସ୍ତଙ୍କର ଅପେକ୍ଷା।

## ସ୍ୱାମୀର କଟୁରୀ ଗୋଟରେ ସ୍ତ୍ରୀ ଗୁରୁତର ହୋଇ ବାଲେଶ୍ୱରରେ ଚିକିତ୍ସିତ

ବୈଳିଙ୍ଗା, ୨୮/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡଦେଉଳିଆ ପଞ୍ଚାୟତର ଲାଖବିନ୍ଧା ଗ୍ରାମରେ ସ୍ୱାମୀଙ୍କ ଦାଉଲି ଚୋଟରେ ଗୁରୁତର ସ୍ତ୍ରୀ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଭଳି ଘଟଣା ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ମୁତାବକ ରୁକ୍ମିଣୀ ( ୩୮ ବର୍ଷ ) ସ୍ୱାମୀଙ୍କ ପାରିବାରିକ ଅତ୍ୟାଚାରରେ ଅତିଷ୍ଠ ହୋଇ ଦୀର୍ଘ ତିନି ବର୍ଷ ହେବ ସେହି ଗ୍ରାମରେ ତାଙ୍କ ସମ୍ପର୍କୀୟ ଧରମ ବାପା ରେଣ୍ଟା ଟୁଡୁ ଙ୍କ ଘରେ ଆଶ୍ରୟ ନେଇଥିଲେ ଏବଂ ଲୋକଙ୍କ ଚାଷ କାର୍ଯ୍ୟରେ ସହାୟତା କରି ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ଗୁଜୁରାଣ ମେଣ୍ଟାଉ ଥିଲେ। ମଙ୍ଗଳବାର ସକାଳେ ସେ କୂଅରୁ ପାଣି ଟାଣୁଥିବା ବେଳେ ହଠାତ ତାଙ୍କ ସ୍ୱାମୀ ୪୪ ବର୍ଷିୟ ଧୁମା ଓରଫ କଙ୍କା କିସ୍କୁ ଏକ ଦାଉଲି ଧରି ତାଙ୍କ ବେକରେ ଚୋଟ ମାରିଥିଲେ। ତେବେ ରୁକ୍ମିଣୀ ପଛକୁ ବୁଲିପଡିବା ଯୋଗୁଁ ଦାଉଲି ଚୋଟ ବେକରେ ନବାଜି ତାଙ୍କ ପାଟି ରେ ବାଜିଥିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପାଖରେ ଥିବା କିଛି ଲୋକ ଦୌଡ଼ି ଆସି କଙ୍କା ଙ୍କୁ ମାଡ଼ିବସି ବାନ୍ଧି ପକାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ଗୁରୁତର ରୁକ୍ମିଣୀ ଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରୁକ୍ମିଣୀଙ୍କ ବିବାହିତା ଝିଅ ଚମ୍ପା ମାଝୀଙ୍କ ଲିଖିତ ଅଭିଯୋଗ ମୂଳେ ବୈଶିଙ୍ଗା ପୋଲିସ ପକ୍ଷରୁ ୫୫୦/ ୨୫ନଂ ରେ ଏକ ମାମଲା ରୁଜୁ କରାଯାଇ ସଙ୍ଗେସଙ୍ଗେ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଧାରୁଆ ଦାଉଲି ଜବତ କରାଯାଇ ଏସ ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଛି।

## ହାତୀ ଉପଦ୍ରବ ଅଞ୍ଚଳ ଡ଼ିଏଫ୍ଓଙ୍କ ପରିଦର୍ଶନ

ଜଳେଶ୍ୱର, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଅଂଚଳ ରେ ଏକ ମାସ ହେବ ହାତୀ ଉପଦ୍ରବ ଦେଖିବା ପାଇଁ ମିଳୁଛି ।ଏଠାରେ ଏକ ମାସ ହେବ ଝାଡଖଣ୍ଡି, ଶିମିଳିପାଳ ହାତୀ ସନ୍ଧ୍ୟା ହେଲେ ରାଇବଣିଆ ବାସୀଙ୍କୁ କରୁଚି ନାକେଦମ୍। କେତେବେଳେ କାହାର ଘର ଭାଙ୍ଗିଲାଣି ତ କେତେବେଳେ ପାଚିଲା କ୍ଷେତରେ ପଶି କ୍ଷେତ ଖାଇବା ସହିତ ପ୍ରାୟତଃ କୋଡ଼ିଏ ଏକର ଫସଲ ନଷ୍ଟ କରିଛନ୍ତି ଶିମିଳିପାଳ ତିରିଶ ଟିକିଆ ହାତୀ ପୋଲ। ହାତୀ ପୋଲ ଗୁଡ଼ିକ ଏବେ ବରଡିହା ପଞ୍ଚାୟତ ର ବାଗବୁଡ଼ା, ଭଡରାପଦା, ବଣସାହି, ଲୁହାପଡ଼ା, ଭଲୋ, ଶ୍ୟାମନଗର୍ ପଞ୍ଚାୟତ ର ଧାନଘେରା, କାଲାଯୋଡ଼ି, ସୁକୋ ଯୋଡ଼ି, ବଣକାଟି, ରଙ୍ଗା ମାଟିଆ ଅଂଚଳ ରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଏ ନେଇ ଅଂଚଳ ର ଚାଷୀ ମାନଙ୍କ ଭିତରେ ଅସନ୍ତଶ ଦେଖିବା ପାଇଁ ମିଳିଛି। ଏ ନେଇ ସୋମବାର ଅପରାହ୍ନ ୨ ଘଟିକା ସମୟ ରେ ବାଲେଶ୍ୱର ଜିଲ୍ଲାବନ୍ୟ ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ ଆସି ହାତୀଙ୍କ ଦ୍ୱାରା କ୍ଷୟକ୍ଷତି ଅଂଚଳ ଜନହିଫୁଲିଆ , ଭୋଳ, ଧାନଘେରା ପରିଦର୍ଶନ କରିଥିଲେ। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ ପାଇଁ କହିଥିଲେ ବରଡିହା ବନ୍ୟପାଳ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଇବଣିଆ ବନ୍ୟପାଳ ଅଧିକାରୀଙ୍କୁ ହାତୀ ଉପଦ୍ରବ୍ୟ ସମୟ ରେ ଲୋକଙ୍କ ସହିତ ଉତ୍ତମ ବ୍ୟବହାର ସହିତ ହାତୀ ସୁରକ୍ଷା , ହାତୀ କୁ ନ ରଗାଇବା ପାଇଁ କହିଥିଲେ। ଏହି ସମୟ ରେ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ବରଡିହା ବନ୍ୟପାଳ ପ୍ରହଲ୍ଲାଦ ନାୟକ, ଦିଲ୍ଲୀପ ସିଂ, ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ଅଦ୍ୱୈତ ଜିଲା ପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ଉପସ୍ଥିତ ଥିଲେ।

## ଶିଶୁ ମହୋତ୍ସବ ସୁରଭିର ମହକରେ ମହକି ଉଠିଲା ରାଢ଼ୋ

ଉଦଳା, ୨୮/୧୦ (ନି.ପ୍ର): ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅଧିନରେ ଥିବା ରାଢ଼ୋ ଆଂଚଳିକ ସାଧନ କେନ୍ଦ୍ର ତରଫରୁ ଚଳିତ ଅକ୍ଟୋବର ୨୭ ତାରିଖ ସୋମବାର ଦିନ ଆନନ୍ଦଉଲ୍ଲାସ ମଧ୍ୟରେ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇ ଯାଇଛି । ଏଥିପାଇଁ ଗୋଟିଏ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ସାଧାରଣ ସଭା ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ କୁମାର ବେହେରା କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । କସ୍ତୁରବା ଗାନ୍ଧୀ




ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତି ବେହେରା ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ସୁରଭି ଏକ ସୁନ୍ଦର ପରିକଳ୍ପନା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ନାଏକ ସରପଂଚ ଯବା ମୁର୍ମୁ, ସମିତି ସଦସ୍ୟା ଗୌରିରାଣୀ ପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା ଓ ସନ୍ଧ୍ୟାରାଣି ବାରିକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ, ସୁରଭି ପିଲାଙ୍କୁ ଆଗକୁ ଯିବାପାଇଁ କିପରି ଏକ ସୁନ୍ଦର କ୍ଷେତ୍ର ପ୍ରସ୍ତୁତ କରୁଛି ଭାଷଣ ମାଧ୍ୟମରେ କହିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ସଂଗୀତ ଗୁରୁ ବିଶ୍ୱନାଥ ପଣ୍ଡା ଓ ଶିକ୍ଷକ ଉମାକାନ୍ତ ନନ୍ଦଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିପରି ଦିବସବ୍ୟାପି ପିଲାଙ୍କ ହସଖୁସି ଓ କୋଳାହଳର ମାହୋଲ ମଧ୍ୟରେ ପାଳିତ ହେଲା ଶିଶୁ ମହୋତ୍ସବ ସୁରଭି ।

## ନୂଆପଡ଼ାର ଉନ୍ନତି ମୋର ଏକମାତ୍ର ସଂକଳ୍ପ : ସ୍ନେହାଙ୍ଗିନୀ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ନୂଆପଡ଼ାର ବିକାଶ ସଂକଳ୍ପ ନେଇ ଲୋକଙ୍କ ପାଖରେ ପହଞ୍ଚୁଥିବା ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମିଳୁଛି ଅଭୂତପୂର୍ବ ସମର୍ଥନ । ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ ଧାରାକୁ ଖରିଆର ରୋଡ ବାସୀ ଦେଉଛନ୍ତି ସ୍ୱୀକୃତି। ମଙ୍ଗଳବାର ସକାଳେ ଖରିଆର ରୋଡ୍ ଏନଏସି ଠାରେ ଆୟୋଜିତ ସଭାରେ ସଭାରେ ଶ୍ରୀମତୀ ଛୁରିଆ ସ୍ଥାନୀୟ ଲୋକଙ୍କ ସହ ବେଶ କିଛି ସମୟ ଧରି ଫଳପ୍ରଦ ଆଲୋଚନା କରିଥିଲେ । ଖରିଆରର ଲୋକମାନେ ଶ୍ରୀମତୀ ଛୁରିଆଙ୍କୁ ହୃଦୟପୂର୍ବକ ସ୍ୱାଗତ କରି ଆଗାମୀ ଉପନିର୍ବାଚନରେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida